# ଗ୍ରାମ ସୂଚନା



# ଶିକ୍ଷା ଅଧିକାର

ଶିଶୁମାନଙ୍କ ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ୨୦୦୯ ର ଧାରା - ୨୧ ଅଧିନରେ ଥିବା ବ୍ୟବସ୍ଥାବଳୀ ଅନୁଯାୟୀ ଅଣ - ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ବ୍ୟତିତ ପ୍ରତ୍ୟେକ ବିଦ୍ୟାଳୟରେ ଗୋଟିଏ ଗୋଟିଏ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯିବ । ଓଡ଼ିଶା ଶିଶୁମାନଙ୍କ ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିୟମାବଳୀ – ୩, ବିଦ୍ୟାଳୟ ପରିଚାଳନା କମିଟିର ଗଠନ ଓ କାର୍ଯ୍ୟ ସମ୍ପାଦନାକୁ ଦର୍ଶାଉଛି । ସରକାର ସତର୍କତାର ସହ ବିଚାର କରିବା ପରେ ନିଷ୍ପତି ନେଇଛନ୍ତି ଯେ ରାଜ୍ୟରେ ସରକାରୀ/ ସରକାରୀ ଅନୁଦାନ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ବିଦ୍ୟାଳୟ ପରିଚାଳନା କମିଟିର ଗଠନ ଓ କାର୍ଯ୍ୟ ସମ୍ପାଦନ ପାଇଁ ନିମ୍ନ ପ୍ରଦତ୍ତ ମାର୍ଗଦର୍ଶିକା ଅନୁସରଣ କରାଯିବ ।

## ୧. ଅଭିଭାବକ ଶିକ୍ଷକ ସଂଘ (ପିଟିଏ)

ପ୍ରତ୍ୟେକ ସରକାରୀ/ସରକାରୀ ଅନୁଦାନ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ରହିବ ।

### କ. ଗଠନ:

(୧) ପ୍ରତ୍ୟେକ ସରକାରୀ/ସରକାରୀ ଅନୁଦାନ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକ ପାଇଁ ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ପ୍ରତ୍ୟେକ ଶିକ୍ଷା ବର୍ଷର ଜୁନ୍ ମାସ ୩୦ ତାରିଖ ପୂର୍ବରୁ ଗଠନ କରାଯିବ । ଯେଉଁ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନାହାନ୍ତି, ସେଠାରେ ସବୁଠୁଁ ବରିଷ୍ଠତମ ଶିକ୍ଷକ, ଅଭିଭାବକ ଶିକ୍ଷକ ସଂଘ (ପିଟିଏ) କରିବେ ।

(୨) ଯାଞ୍ଚ ଅଧିକାରୀ (ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିପ୍ରେକ୍ଷୀରେ ଏସ୍. ଆଇ.) ବିଦ୍ୟାଳୟ ଗୁଡ଼ିକର ସୂଚନା ଫଳକ (ନୋଟିସ୍ ବୋର୍ଡ଼) ରେ ତାରିଖ ଏବଂ ସମୟର ବିଜ୍ଞପ୍ତି ଜାରି କରିବେ, ଯେଉଁଠି ଛାତ୍ର – ଛାତ୍ରୀମାନେ ସେମାନଙ୍କର ଜଣେ ଅଭିଭାବକଙ୍କ ସମେତ ଉପସ୍ଥିତ ରହିବେ । ଯାଞ୍ଚ ଅଧିକାରିଙ୍କ ବିଜ୍ଞପ୍ତି (ନୋଟିସ) କୁ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଛାତ୍ର – ଛାତ୍ରୀମାନଙ୍କ ଜରିଆରେ ଅଭିଭାବକମାନଙ୍କୁ ଜଣାଇ ଦିଆଯିବ ।

(୩) ତା' ପରେ ପ୍ରଧାନ ଶିକ୍ଷକ ଅଭିଭାବକଙ୍କ ଏକ ରେଜିଷ୍ଟ୍ରରେ ଫର୍ମ – ୧ (ନକଲ ସଂଲଗ୍ନ କରାଯାଇଛି) ପ୍ରତିପୂରଣ ପାଇଁ ଲିପିବଦ୍ଧ କରିବେ, ଏବଂ ସମସ୍ତ ଅଭିଭାବକଙ୍କୁ ସଦସ୍ୟ/ସଦସ୍ୟା ଚିରକୁଟ୍ ଫର୍ମ – ୨ (ନକଲ ସଂଲଗ୍ନ କରାଯାଇଛି) ରେ ପ୍ରଦାନ କରିବେ ।

(୪) ତା' ପରେ ସମସ୍ତ ଅଭିଭାବକଙ୍କୁ ପ୍ରଧାନ ଶିକ୍ଷକ, ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ର କ୍ଷମତା, କାର୍ଯ୍ୟ ସମ୍ପାଦନ, ଭୂମିକା ଏବଂ ଦାୟିତ୍ୱ ବିଷୟରେ ବ୍ୟାଖ୍ୟା କରିବେ ।

### ଖ. ପଞ୍ଜିକରଣ:

(୧) ସଂପୃକ୍ତ ବିଦ୍ୟାଳୟ ନିରୀକ୍ଷକ (ଏସ୍.ଆଇ ) ନିଜ ଅଧିକାରର ପରିସରରେ ଥିବା ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ର ପଞ୍ଜିକରଣ କର୍ତ୍ତୃପକ୍ଷ ହେବେ ।

(୨) ସଂପୃକ୍ତ ଜିଲ୍ଲା ନିରୀକ୍ଷକ (ଡ଼ି.ଆଇ)ନିଜ ଅଧିକାରର ପରିସରରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ର ପଞ୍ଜିକରଣ କର୍ତ୍ତୃପକ୍ଷ ହେବେ ।

(୩) ପ୍ରତିଷ୍ଠାନର ପ୍ରଧାନ ଶିକ୍ଷକ ତାଙ୍କ ବିଦ୍ୟାଳୟର ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ର ବିଶଦ୍ ବିବରଣି ଏସ୍.ଆଇ/ଡ଼ି.ଆଇଙ୍କୁ ଯେପରି ବି ମାମଲା ହେଉ, ଫର୍ମ – ୩ (ନକଲ ସଂଲଗ୍ନ କରାଯାଇଛି) ରେ ପ୍ରଦାନ କରିବେ । ପ୍ରତିଷ୍ଠାନର ମୁଖ୍ୟଙ୍କ ଠାରୁ ତଥ୍ୟ ପାଇବା ପରେ ଯେପରି ବି ମାମଲା ହେଉ, ଏସ୍.ଆଇ/ଡ଼ି.ଆଇ ଅଭିଭାବକ ଶିକ୍ଷକ ସଂଘ (ପିଟିଏ)କୁ ଏକ ପଞ୍ଜିକରଣ ନମ୍ବର ନିର୍ଦ୍ଦିଷ୍ଟ କରିବେ।

### ଗ. ସଦସ୍ୟତା:

୧. ବିଦ୍ୟାଳୟରେ ପାଠ ପଢୁଥିବା ସମସ୍ତ ଛାତ୍ର – ଛାତ୍ରୀମାନଙ୍କ ଅଭିଭାବକମାନେ ଏବଂ ସେଠାରେ କାମ କରୁଥିବା ସମସ୍ତ ଶିକ୍ଷକମାନେ ଅଭିଭାବକ ଶିକ୍ଷକ ସଂଘ (ପିଟିଏ)ର ସଦସ୍ୟ/ ସଦସ୍ୟା ଅଟନ୍ତି । ତେବେ ଯାହାହେଉ, କେବଳ ଅଭିଭାବକମାନଙ୍କର ହିଁ ଭୋଟ ଦେବାର ଅଧିକାର ରହିବ । ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ ସଦସ୍ୟାମାନଙ୍କୁ ବାଛିବେ ।

୨. ବିଦ୍ୟାଳୟ ଥିବା ସ୍ଥାନୀୟ ଅଞ୍ଚଳର ଅଭିଭାବକଙ୍କ ବାସସ୍ଥାନର ସ୍ଥାନାନ୍ତର କିମ୍ବା ଅଭିଭାବକଙ୍କ ମୃତ୍ୟୁ କିମ୍ବା ତାଙ୍କର ପିଲାମାନଙ୍କ ସ୍କୁଲ ପରିତ୍ୟାଗ ପରିପ୍ରେକ୍ଷିରେ ଅଭିଭାବକଙ୍କ ସଦସ୍ୟତା ରଦ୍ଦ ହେବ ।

**ଘ. ସଂଗୃହିତ ପାଣ୍ଠି:**

(୧) ପ୍ରତ୍ୟେକ ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ପାଣ୍ଠି ସଂଗ୍ରହ (କରପସ୍ ଫଣ୍ଡ) ବିଷୟରେ ନିଷ୍ପତି ନେବେ, ଯେଉଁଠି ବିଦ୍ୟାଳୟର ଭିତିଭୂମି ଉନ୍ନୟନ ପାଇଁ ତାଙ୍କର ମତାମତ ସହିତ ଆଗରୁ ସଂପୃକ୍ତ "ଜିଲ୍ଲା ଅଧିକାରୀ" ଙ୍କ ଅନୁମୋଦନ ଆବଶ୍ୟକ ହେବ (ପ୍ରାଥମିକ ବିଦ୍ୟାଳୟ ପରିପ୍ରେକ୍ଷୀରେ ଏସ୍.ଆଇ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିପ୍ରେକ୍ଷୀରେ ଡ଼ି.ଆଇ)।

(୨) ପ୍ରଧାନ ଶିକ୍ଷକ ଫର୍ମ – ୪ (ନକଲ ସଂଲଗ୍ନ କରାଯାଇଛି) ରେ ଅର୍ଥ ପାଇଥିବାର ଏକ ଟୋକନ୍ ଭାବେ ଏକ ରସିଦ୍ ପ୍ରଦାନ କରିବେ ।

(୩) ବିଦ୍ୟାଳୟ ସହାୟତା ଯୋଜନା ଅଧିନରେ ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ର ସଦସ୍ୟ/ସଦସ୍ୟାମାନଙ୍କ ବ୍ୟତିରେକ ଅନ୍ୟାନ୍ୟ ବ୍ୟକ୍ତିବିଶେଷ କିମ୍ବା ସଙ୍ଗଠନ ଠାରୁ ଦାନ ଗ୍ରହଣ କରିବା କ୍ଷେତ୍ରରେ ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ପାଇଁ ଏହା ଆଇନ ସମ୍ମତ ବ୍ୟବସ୍ଥା ହେବ ।

**ଙ. ସାଧାରଣ ବୈଠକ:**

୧. ସମସ୍ତ ଅଭିଭାବକଙ୍କୁ ଏକ ସପ୍ତାହ ଆଗରୁ ନୋଟିସ୍ ଦେଇ ଏବଂ ଅଭିଭାବକଙ୍କ ସମ୍ମତିର ସନ୍ତକ ନେଇ ପ୍ରଧାନ ଶିକ୍ଷକ ସଂଘର ବୈଠକ ଡାକିବେ ।

୨. ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ର ବୈଠକ ପାଇଁ ମୋଟ ସଦସ୍ୟ/ସଦସ୍ୟାଙ୍କର ୨୦% ଉପସ୍ଥିତି କୋରମ୍ ପାଇଁ ଆବଶ୍ୟକ।

୩. ପ୍ରତ୍ୟେକ ବୈଠକରେ ଅଭିଭାବକ ଶିକ୍ଷକ ସଂଘ (ପିଟିଏ), ଏହାର ସଦସ୍ୟ/ସଦସ୍ୟାମାନଙ୍କ ଭିତରୁ ଜଣକୁ ବୈଠକରେ ସଭାପତିତ୍ୱ କରିବା ପାଇଁ ବାଛିବେ । ହାତ ଟେକି ବାଛିବା ପ୍ରକ୍ରିୟାକୁ ପ୍ରଧାନ ଶିକ୍ଷକ ପରିଚାଳନା କରିବେ ।

୪. ବୈଠକର ବିଶଦ୍ ବିବରଣୀକୁ ପ୍ରଧାନ ଶିକ୍ଷକ ଏକ ପୃଥକ ରେଜିଷ୍ଟ୍ରରରେ, ଫର୍ମ – ୫ (ସଂଲଗ୍ନ କରାଯାଇଛି) ଅନୁସାରେ ଲେଖିବେ ଏବଂ ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ର ଉପସ୍ଥିତ ସଦସ୍ୟ/ସଦସ୍ୟାମାନଙ୍କ ଭିତରୁ ଅତି କମ୍‌ରେ ୬ ଜଣଙ୍କର ଦସ୍ତଖତ ନେବେ ଏବଂ ସଭାପତିଙ୍କ ଦ୍ୱାରା ଅନୁମୋଦନ କରାଇବେ ।

**ଚ. ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ର କାର୍ଯ୍ୟ ସମ୍ପାଦନ:**

୧. ଆବଶ୍ୟକ ମୁତାବକ ସଂଘ, ବୈଠକରେ ମିଳିତ ହେବେ କିନ୍ତୁ ବର୍ଷକୁ ୨ ଥରରୁ କମ୍ ହେବ ନାହିଁ । ପ୍ରଧାନ ଶିକ୍ଷକ ବୈଠକର ଆବାହକ ରହିବେ । ତେବେଯାହାହେଉ, ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ବର୍ଷକୁ ପ୍ରତି ତିନି ମାସରେ ଥରେ ବୈଠକର ମିଳିତ ହେବା ବାଞ୍ଛନୀୟ ।

୨. ନିମ୍ନଲିଖିତ ମାମଲା ପରିପ୍ରେକ୍ଷିରେ ସମୟକୁ ସମୟ ସମୀକ୍ଷା କରିବାର କର୍ତ୍ତବ୍ୟ ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ର ହେବ:

କ. ସାର୍ବଜନୀନ ନାମ ଲେଖା ଏବଂ ଉପସ୍ଥାନ ସୁନିଶ୍ଚିତ କରିବା;

ଖ. ବିଦ୍ୟାଳୟରେ ଛାତ୍ର – ଛାତ୍ରୀମାନଙ୍କର ନିୟମିତ ଉପସ୍ଥିତିକୁ ପ୍ରୋତ୍ସାହିତ କରିବା, ବିଦ୍ୟାଳୟ ଛାଡୁଥିବା ଛାତ୍ର – ଛାତ୍ରୀମାନଙ୍କ ସଂଖ୍ୟା କମାଇବା;

ଗ. ବିଦ୍ୟାଳୟରେ ଭିତିଭୂମି ସୁବିଧାର ବୃଦ୍ଧି କରି ଶିକ୍ଷାରେ ଆଗ୍ରହ ସୃଷ୍ଟି କରିବା ଏବଂ ଶିକ୍ଷାଦାନର ମାନ ବୃଦ୍ଧି କରିବା ଏବଂ ସାର୍ବଜନୀନ ନାମ ଲେଖା ଏବଂ ବିଦ୍ୟାଳୟ ଛାଡୁଥିବା ଛାତ୍ର – ଛାତ୍ରୀମାନଙ୍କ ସଂଖ୍ୟାକୁ ଶୂନ୍ୟ କରିବା ଆଦି ପ୍ରାଥମିକ ଲକ୍ଷ୍ୟ ଉଦ୍ଦେଶ୍ୟକୁ ସୁନିଶ୍ଚିତ କରିବା;

ଘ. ବିଦ୍ୟାଳୟ ପାଇଁ କରପସ୍ ଫଣ୍ଡ୍ ସଂଗ୍ରହକୁ ଗତିଶୀଳ କରିଇବା ।

**ଫର୍ମ – ୧**

(ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ରେଜିଷ୍ଟ୍ରର୍ ପ୍ରତିପୂରଣ ହେବ)

| କ୍ର. ନଂ | ଅଭିଭାବଙ୍କ ନାମ | ଶିଶୁଙ୍କ ନାମ | ସମ୍ବନ୍ଧ | କେଉଁ ଶ୍ରେଣିରେ ଅଧ୍ୟୟନ ରତ |
|---|---|---|---|---|
| | | | | |

**ଫର୍ମ – ୨**

(ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଅଭିଭାବଙ୍କୁ ସଦସ୍ୟତା ଚିରକୁଟ୍ ପ୍ରଦାନ କରିବା)

ଶ୍ରୀ/ ଶ୍ରୀମତୀ................. ପିତା/ ମାତା............. ଶ୍ରେଣୀ........ ସେକ୍ସନ........... ଏହି ବିଦ୍ୟାଳୟର ଅଭିଭାବକ ଶିକ୍ଷକ ସଂଘର ସଦସ୍ୟ/ସଦସ୍ୟା ଅଟନ୍ତି ।

ତାରିଖ: ଅନୁଷ୍ଠାନ ମୁଖ୍ୟଙ୍କ ଦସ୍ତଖତ ସହ ମୋହର

## ଫର୍ମ – ୩

(ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଦାଖଲ କରାଯିବ)

ପ୍ରେରକ: ପ୍ରାପ୍ତେଷୁ

ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀ ............................

..................... ବିଦ୍ୟାଳୟ ............................

.............................. ............................

ମହାଶୟ/ ମହାଶୟା

ବିଷୟ: ପି. ଟି. ଏ. - ପି. ଟି. ଏ. ର ବିଶଦ୍ ବିବରଣୀ ଦାଖଲ ସମ୍ବନ୍ଧେ ।

ଆମ୍ଭ ବିଦ୍ୟାଳୟର ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ର ନିମ୍ନ ଲିଖିତ ବିବରଣୀ ଦାଖଲ କରାଯାଇଛି ।

ବିଦ୍ୟାଳୟ.........................ବ୍ଲକ୍.......................ଜିଲ୍ଲା.................... ।

- ସମୁଦାୟ ଅଭିଭାବକ ସଦସ୍ୟ/ସଦସ୍ୟାଙ୍କ ସଂଖ୍ୟା:
- ବୈଠକର ଉପସ୍ଥିତ ଥିବା ଅଭିଭାବକ ସଦସ୍ୟ/ସଦସ୍ୟାଙ୍କ ସଂଖ୍ୟା:
- ବିଦ୍ୟାଳୟରେ ଥିବା ଶିକ୍ଷକ/ ଶିକ୍ଷକାଙ୍କ ସଂଖ୍ୟା:
- ବିଦ୍ୟାଳୟର ମୁଖ୍ୟଙ୍କ ନାମ:

ମୁଁ ଅନୁରୋଧ କରୁଛି ଯେ ସଂଘକୁ ପଂଞ୍ଜିକୃତ କରାଯାଉ ଏବଂ ସଂଘକୁ ଏକ ପଞ୍ଜିକରଣ ନଂ ପ୍ରଦାନ କରାଯାଉ ।

ଦସ୍ତଖତ ସହ କାର୍ଯ୍ୟାଳୟ ମୋହର

## ଫର୍ମ – ୪

(ଦାନ ପାଇଁ ରସିଦ୍)

ଗ୍ରହଣ ଦାନ ପରିମାଣ ଟ.................. (ଟଙ୍କାରେ.........................................................................)

ଠିକଣା.....................................................................................................................

କରପସ୍ ଫଣ୍ଡ ପାଇଁ ତାଙ୍କର ଦାନ ..................................................................................... ବିଦ୍ୟାଳୟ

ଗ୍ରାମ .............................. ବ୍ଲକ୍.............................ଜିଲ୍ଲା........................................... ।

ସମାନ ତଥ୍ୟ ସଂପୃକ୍ତ ଆକାଉଣ୍ଟ ରେଜିଷ୍ଟର୍‌ରେ ଲିପିବଦ୍ଧ କରାଯିବ ।

ଅନୁଷ୍ଠାନ ମୁଖ୍ୟଙ୍କ ଦସ୍ତଖତ ସହ ମୋହର

## ଫର୍ମ – ୫

(ବୈଠକର ବିବରଣୀ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ରେକର୍ଡ଼ କରାଯିବ)

ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ବୈଠକର ବିବରଣୀ ତାରିଖ.......................... ରେ ଆୟୋଜନ କରାଯାଇଥିଲା ।

ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ଦ୍ୱାରା ସର୍ବସମ୍ମତି କ୍ରମେ ନିମ୍ନ ପ୍ରକାରେ ନିଷ୍ପତି ନିଆଗଲା:

ନିଷ୍ପତି: ୧.

୨.

୩.

୪.

ଉପସ୍ଥିତ ସଦସ୍ୟ/ସଦସ୍ୟାମାନଙ୍କ ଦସ୍ତଖତ:

୧.

୨.

୩.

୪.

୫.

୬.

ସଭାପତିଙ୍କ ଦସ୍ତଖତ: ପ୍ରଧାନ ଶିକ୍ଷକଙ୍କ ଦସ୍ତଖତ

# ମଧ୍ୟାହ୍ନ ଭୋଜନ ଯୋଜନା

**ପୃଷ୍ଠଭୂମି**

ମଧ୍ୟାହ୍ନ ଭୋଜନ ଯୋଜନା ଆମ ଦେଶରେ ଅଗଷ୍ଟ ୧୫, ୧୯୯୫ ମସିହାରୁ ଓ ୨୦୦୪ ମସିହା ସେପ୍ଟେମ୍ବର ମାସ ୧ ତାରିଖରୁ ମଧ୍ୟାହ୍ନ ଭୋଜନରେ ଶୁଖିଲା ରାସନ ପରିବର୍ତ୍ତେ ନିଶ୍ଚିତ ଗରମ ରନ୍ଧା ଖାଦ୍ୟ ବଣ୍ଟନ ଆରମ୍ଭ ହୋଇଛି। ଏହା ପ୍ରତ୍ୟେକ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ (୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ) ଛାତ୍ର – ଛାତ୍ରୀମାନଙ୍କୁ ପ୍ରତି ବିଦ୍ୟାଳୟ କାର୍ଯ୍ୟ ଦିବସରେ ମଧ୍ୟାହ୍ନ ସମୟରେ ବର୍ଷକୁ ଅତିକମ୍‌ରେ ୨୧୦ ଦିନ ଦିଆଯିବାର ବ୍ୟବସ୍ଥା ଅଛି।

**ମଧ୍ୟାହ୍ନ ଭୋଜନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ**

- ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ର – ଛାତ୍ରୀମାନଙ୍କର ପୌଷ୍ଟିକ ଅଧିକାର ଓ ଶିକ୍ଷା ଅଧିକାରକୁ ପ୍ରୋତ୍ସାହିତ କରିବା।

**ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ**

- ସାମାଜିକ ସମାନତା ଓ ଜାତି ଭେଦର ଅବସାନ;
- ବିଦ୍ୟାଳୟରେ ଛାତ୍ର – ଛାତ୍ରୀଙ୍କ ଉପସ୍ଥାନ ବଢାଇବା;
- ଶ୍ରେଣୀ ଗୃହରେ କ୍ଷୁଧା ନିବାରଣ;
- ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥାର ଉନ୍ନତିରେ ସହାୟକ;
- ମୂଲ୍ୟବୋଧ ଶିକ୍ଷା ବଢାଇବା;
- ପିଲାମାନଙ୍କୁ କ୍ଷୁଧାରେ ସୁରକ୍ଷା ଦେବା ସହ ଅତିରିକ୍ତ ପୃଷ୍ଟିସାର ପ୍ରଦାନ।

**ହିତାଧିକାରୀ**

- ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ର – ଛାତ୍ରୀ;
- ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ୬ଷ୍ଠରୁ ୮ମ ଶ୍ରେଣୀ ସମସ୍ତ ଛାତ୍ର – ଛାତ୍ରୀ;

ଏବେ ସାରା ରାଜ୍ୟରେ ମଧ୍ୟାହ୍ନ ଭୋଜନରେ ଗୋଟିଏ ପ୍ରକାରର ଖାଦ୍ୟ:

ପ୍ରାଥମିକ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ର – ଛାତ୍ରୀମାନଙ୍କ ପାଇଁ ଦୈନିକ ହାରାହାରି ଟ.୩.୬୧ ପଇସା

୨୦୧୨ – ୧୩ ବର୍ଷ ପାଇଁ ମଧ୍ୟାହ୍ନ ଭୋଜନ ଅଧିନରେ ପ୍ରାଥମିକ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ର – ଛାତ୍ରୀମାନଙ୍କ ନିମନ୍ତେ ରାସନ ଦର:

| ଦିବସ | କ୍ର.ନଂ | ସାମଗ୍ରୀର ନାମ | ପରିମାଣ | ରାସନ ଦର | ଶକ୍ତି (କ୍ୟାଲୋରୀ) | ପୁଷ୍ଟି (ଗ୍ରାମ) |
|---|---|---|---|---|---|---|
| ସୋମବାର ଓ ଗୁରୁବାର | ୧ | ଚାଉଳ | ୧୦୦ ଗ୍ରାମ | ମାଗଣାରେ | ୩୪୬ | ୬.୪ |
| | ୨ | ଡ଼ାଲି | ୨୫ ଗ୍ରାମ | ୧.୫୦ | ୮୪ | ୫.୫ |
| | ୩ | ତେଲ | ୫ ଗ୍ରାମ | ୦.୫୦ | ୪୫ | -- |
| | ୪ | ପନିପରିବା ଓ ଲୁଣ | ୫୦ଗ୍ରାମ | ୦.୯୦ | ୨୦ | ୦.୮ |
| | ୫ | ଜାଳେଣି | | ୦.୨୫ | -- | -- |
| | | | ମୋଟ | ୩.୧୫ | ୪୯୫ | ୧୨.୭ |

ହାରାହାରୀ ରାସନ ଦର ଟ.୩.୧୫ ଘ ୨ = ଟ.୬.୩୦ ପଇସା

| ଦିବସ | କ୍ର.ନଂ | ସାମଗ୍ରୀର ନାମ | ପରିମାଣ | ରାସନ ଦର | ଶକ୍ତି (କ୍ୟାଲୋରୀ) | ପୁଷ୍ଟି (ଗ୍ରାମ) |
|---|---|---|---|---|---|---|
| ମଙ୍ଗଳବାର ଓ ଶୁକ୍ରବାର | ୧ | ଚାଉଳ | ୧୫୦ ଗ୍ରାମ | ମାଗଣାରେ | ୫୧୯ | ୯.୬ |
| | ୨ | ସୋୟା ବଡ଼ି | ୧୨ ଗ୍ରାମ | ୦.୯୦ | ୫୧ | ୬.୫ |
| | ୩ | ତେଲ | ୫ ଗ୍ରାମ | ୦.୫୦ | ୪୫ | -- |
| | ୪ | ପନିପରିବା ଓ ଲୁଣ | ୧୦୦ଗ୍ରାମ | ୧.୫୮ | ୪୦ | ୧.୬ |
| | ୫ | ଜାଳେଣି | | ୦.୨୫ | -- | -- |
| | | | **ମୋଟ** | **୩.୨୩** | **୪୮୨** | **୧୪.୫** |

**ହାରାହାରୀ ରାସନ ଦର ଟ.୩.୨୩ ଘ ୨ = ଟ.୬.୪୬ ପଇସା**

| ଦିବସ | କ୍ର.ନଂ | ସାମଗ୍ରୀର ନାମ | ପରିମାଣ | ରାସନ ଦର | ଶକ୍ତି (କ୍ୟାଲୋରୀ) | ପୁଷ୍ଟି (ଗ୍ରାମ) |
|---|---|---|---|---|---|---|
| ବୁଧବାର ଓ ଶନିବାର | ୧ | ଚାଉଳ | ୧୫୦ ଗ୍ରାମ | ମାଗଣାରେ | ୫୧୯ | ୯.୬ |
| | ୨ | ଅଣ୍ଡା | ୧ଟି | ୩.୩୦ | ୮୬.୫ | ୬.୭ |
| | ୩ | ତେଲ | ୫ ଗ୍ରାମ | ୦.୫୦ | ୪୫ | -- |
| | ୪ | ପନିପରିବା ଓ ଲୁଣ | ୨୦ ଗ୍ରାମ | ୦.୪୦ | ୦୮ | ୦.୩ |
| | ୫ | ଜାଳେଣି | | ୦.୨୫ | -- | -- |
| | | | **ମୋଟ** | **୪.୪୫** | **୪୮୫.୫** | **୧୩.୪** |

**ହାରାହାରୀ ରାସନ ଦର ଟ.୪.୪୫ ଘ ୨ = ଟ.୮.୯୦ ପଇସା**

ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ର – ଛାତ୍ରୀମାନଙ୍କ ପାଇଁ ଦୈନିକ ହାରାହାରି ଟ.୫.୩୯ ପଇସା ୨୦୧୨ – ୧୩ ବର୍ଷ ପାଇଁ ମଧ୍ୟାହ୍ନ ଭୋଜନ ଅଧିନରେ ପ୍ରାଥମିକ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ର – ଛାତ୍ରୀମାନଙ୍କ ନିମନ୍ତେ ରାସନ ଦର:

| ଦିବସ | କ୍ର.ନଂ | ସାମଗ୍ରୀର ନାମ | ପରିମାଣ | ରାସନ ଦର | ଶକ୍ତି (କ୍ୟାଲୋରୀ) | ପୁଷ୍ଟି (ଗ୍ରାମ) |
|---|---|---|---|---|---|---|
| ସୋମବାର ଓ ଗୁରୁବାର | ୧ | ଚାଉଳ | ୧୫୦ ଗ୍ରାମ | ମାଗଣାରେ | ୫୧୯ | ୯.୬ |
| | ୨ | ଡ଼ାଲି | ୩୦ ଗ୍ରାମ | ୧.୮୦ | ୧୧୧ | ୬.୬ |
| | ୩ | ତେଲ | ୭.୫ ଗ୍ରାମ | ୦.୭୫ | ୬୭.୫ | -- |
| | ୪ | ପନିପରିବା ଓ ଲୁଣ | ୧୦୦ ଗ୍ରାମ | ୨.୫୬ | ୧୦୫ | ୨.୫ |
| | ୫ | ଜାଳେଣି | | ୦.୪୫ | -- | -- |
| | | | **ମୋଟ** | **୫.୫୬** | **୮୦୨.୫** | **୧୮.୭** |

**ହାରାହାରୀ ରାସନ ଦର ଟ.୫.୫୬ ଘ ୨ = ଟ.୧୧.୧୨ ପଇସା**

| ଦିବସ | କ୍ର.ନଂ | ସାମଗ୍ରୀର ନାମ | ପରିମାଣ | ରାସନ ଦର | ଶକ୍ତି (କ୍ୟାଲୋରୀ) | ପୁଷ୍ଟି (ଗ୍ରାମ) |
|---|---|---|---|---|---|---|
| ମଙ୍ଗଳବାର ଓ ଶୁକ୍ରବାର | ୧ | ଚାଉଳ | ୧୫୦ ଗ୍ରାମ | ମାଗଣାରେ | ୫୧୯ | ୯.୬ |
| | ୨ | ସୋୟା ବଡ଼ି | ୨୫ ଗ୍ରାମ | ୧.୮୭ | ୮୫ | ୧୩.୫ |
| | ୩ | ତେଲ | ୭.୫ ଗ୍ରାମ | ୦.୭୫ | ୬୭.୫ | -- |
| | ୪ | ପନିପରିବା ଓ ଲୁଣ | ୧୦୦ଗ୍ରାମ | ୧.୧୮ | ୯୭ | ୧.୬ |
| | ୫ | ଜାଳେଣି | | ୦.୪୫ | -- | -- |
| | | | **ମୋଟ** | **୪.୨୫** | **୭୬୮.୫** | **୨୪.୭** |

**ହାରାହାରୀ ରାସନ ଦର ଟ.୪.୨୫ ଘ ୨ = ଟ.୮.୫୦ ପଇସା**

| ଦିବସ | କ୍ର.ନଂ | ସାମଗ୍ରୀର ନାମ | ପରିମାଣ | ରାସନ ଦର | ଶକ୍ତି (କ୍ୟାଲୋରୀ) | ପୁଷ୍ଟି (ଗ୍ରାମ) |
|---|---|---|---|---|---|---|
| ବୁଧବାର ଓ ଶନିବାର | ୧ | ଚାଉଳ | ୧୫୦ ଗ୍ରାମ | ମାଗଣାରେ | ୫୧୯ | ୯.୬ |
| | ୨ | ଅଣ୍ଡା | ୧ଟି | ୩.୩୦ | ୮୬.୫ | ୬.୭ |
| | ୩ | ତେଲ | ୭.୫ ଗ୍ରାମ | ୦.୭୫ | ୬୭.୫ | -- |
| | ୪ | ପନିପରିବା ଓ ଲୁଣ | ୧୦୦ ଗ୍ରାମ | ୧.୮୭ | ୯୭ | ୧.୬ |
| | ୫ | ଜାଳେଣି | | ୦.୪୫ | -- | -- |
| | | | ମୋଟ | ୬.୩୭ | ୭୭୦ | ୧୭.୯ |

ହାରାହାରୀ ରାସନ ଦର ଟ.୬.୩୭ ଘ ୨ = ଟ.୧୨.୭୪ ପଇସା

ଅଭିଯୋଗ ଶୁଣାଣି

- କୌଣସି ଅଭିଯୋଗ ଥିଲେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ
- ଗୋଷ୍ଠୀ ଉନ୍ନୟନ ଅଧିକାରୀ
- ଜିଲ୍ଲାପାଳ କିମ୍ବା
- ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ;
- ରାଜ୍ୟସ୍ତରର ଟୋଲ ଫ୍ରି ନଂ. ୧୮୦୦୩୪୫୬୭୨୨ ରେ ମଧ୍ୟ ଆପଣ ଅଭିଯୋଗ କରିପାରିବେ।

# ଉଚ୍ଚତମ ନ୍ୟାୟଳୟଙ୍କ ନିର୍ଦ୍ଦେଶାବଳୀ

- ପ୍ରତ୍ୟେକ ସରକାରୀ ଓ ସରକାରଙ୍କ ସହାୟତା ପାଉଥିବା ପ୍ରାଥମିକ ବିଦ୍ୟାଳୟକୁ ଆସୁଥିବା ପିଲାମାନଙ୍କୁ ବିଦ୍ୟାଳୟରେ ପ୍ରତ୍ୟେକ ଦିନ ରନ୍ଧାଯାଇଥିବା ଅତିକମ୍‌ରେ ୩୦୦ କ୍ୟାଲୋରୀ ଓ ୮ ରୁ ୧୨ ଗ୍ରାମ ପ୍ରୋଟିନ୍‌ଯୁକ୍ତ ମଧ୍ୟାହ୍ନ ଭୋଜନ ପ୍ରଦାନ;
- ବର୍ଷରେ ଅତିକମ୍‌ରେ ୨୧୦ ଦିନ ପ୍ରଦାନ;
- ଭାରତ ସରକାରଙ୍କ ସଂଶୋଧିତ ପରିମାଣ: ୪୫୦ କ୍ୟାଲୋରୀ ଏବଂ ଆଦିବାସୀମାନଙ୍କୁ ଅଗ୍ରାଧିକାର;
- ମରୁଡ଼ି ପ୍ରଭାବିତ ଅଞ୍ଚଳରେ ଗ୍ରୀଷ୍ମ ଛୁଟି ସମୟରେ ସ୍କୁଲ୍ ପିଲାମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଣ;
- ପ୍ରତ୍ୟେକ ବିଦ୍ୟାଳୟରେ ରୋଷେଇ ଘର ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ବ୍ୟବସ୍ଥା;
- ଉତ୍ତମ ଆସବାବପତ୍ର, ନିରାପଦ ପାନୀୟ ଜଳ ଏବଂ ଉତ୍ତମମାନର ଭୋଜନକୁ ସରକାର ନିଶ୍ଚିତ କରାଇବେ;
- ଉଚ୍ଚ ପଦସ୍ଥ କର୍ମକର୍ତ୍ତା ଓ ବିଦ୍ୟାଳୟ ପରିଚାଳନା କମିଟି ଯୁଗ୍ମଭାବରେ ମଧ୍ୟାହ୍ନ ଭୋଜନର ଗୁଣମାନ ତଦାରଖ କରିବେ;
- ମଧ୍ୟାହ୍ନ ଭୋଜନ ପାଇଁ ଉତ୍ତମ ଗୁଣମାନର ଖାଦ୍ୟଶସ୍ୟ ଯୋଗାଣକୁ ଭାରତୀୟ ଖାଦ୍ୟ ନିଗମ ସୁନିଶ୍ଚିତ କରିବେ;
- ରାଜ୍ୟ/ କେନ୍ଦ୍ରାଞ୍ଚଳ ସରକାର ଏବଂ ଭାରତୀୟ ଖାଦ୍ୟ ନିଗମ କର୍ମକର୍ତ୍ତାମାନେ ମିଳିମିଶି ଖାଦ୍ୟଶସ୍ୟର ଗୁଣମାନ ଯାଞ୍ଚ କରିବେ;
- ଦେୟ ମୁକ୍ତ ମଧ୍ୟାହ୍ନ ଭୋଜନ ଛାତ୍ର – ଛାତ୍ରୀମାନଙ୍କୁ ପ୍ରଦାନ;

# ଜାତୀୟ ପରିବାର ମଙ୍ଗଳ ଯୋଜନା

ପୃଷ୍ଠଭୂମି:

ଜାତୀୟ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ପ୍ରାଥମିକ ମୁଖ୍ୟ ଅର୍ଜନକାରୀ ବ୍ୟକ୍ତିଙ୍କ ମୃତ୍ୟୁରେ, ସେହି ପରିବାରର ଖାଦ୍ୟନିରାପତ୍ତାର ସୁରକ୍ଷା ପାଇଁ ଦିଆଯାଇଥାଏ। ମୃତ ବ୍ୟକ୍ତିଙ୍କ ଉପରେ ନିର୍ଭରଶୀଳ ସଦସ୍ୟଙ୍କୁ ଏହା ସହାୟତା କରିଥାଏ। ଏହା ୨୦୦୫ ମସିହାରେ 'ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ' (ଏନ୍. ଏସ୍. ଏ. ପି.) ର ଏକ ଅଂଶ ରୂପେ କାର୍ଯ୍ୟକାରୀ ହେଲା। ୨୦୦୨ –୨୦୦୩ ରେ ଏହା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ରାଜ୍ୟ ସରକାରଙ୍କ ରାଜ୍ୟ ଯୋଜନାକୁ ହସ୍ତାନ୍ତର କରାଗଲା। ସାଧାରଣତଃ ଏହି ଯୋଜନାକୁ ଖୁବ୍ କମ୍ ଅଗ୍ରାଧିକାର ଦିଆଯିବାର ଲକ୍ଷ୍ୟ କରାଯାଇଛି।

ଜାତୀୟ ପରିବାର ମଙ୍ଗଳ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ

- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ପ୍ରାଥମିକ ମୁଖ୍ୟ ଅର୍ଜନକାରୀ ବ୍ୟକ୍ତି (୧୮ ରୁ ୬୦ ବର୍ଷ ବୟସ ମଧ୍ୟରେ)ଙ୍କ ମୃତ୍ୟୁରେ ଏହା ପ୍ରଯୁଜ୍ୟ;

ଏହି ଯୋଜନାରେ ହିତାଧିକାରୀ ହେବାକୁ ଯୋଗ୍ୟତା

୧. ସେ ଜଣେ ବି.ପି.ଏଲ୍. କାର୍ଡ଼ଧାରୀ ହୋଇଥିବେ;

୨. ପରିବାରର ମୁଖ୍ୟ ରୋଜଗାରିଆ ବ୍ୟକ୍ତି ହୋଇଥିବେ;

୩. ବୟସ ୧୮ ରୁ ୬୦ ବର୍ଷ ମଧ୍ୟରେ ହୋଇଥିବ;

କିପରି ଓ କେଉଁଠି ଆବେଦନ କରିବେ

ଗ୍ରାମାଞ୍ଚଳ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହରାଞ୍ଚଳ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପାଳିକା/ ବିଜ୍ଞାପିତ ଅଞ୍ଚଳକୁ ଦରଖାସ୍ତ କରିବାକୁ ପଡ଼ିବ। ଏଥିରେ:-

- ଭୋଟ ପରିଚୟପତ୍ର ଦାଖଲ କରିବାକୁ ହେବ।
- ମୃତ୍ୟୁର ପ୍ରମାଣପତ୍ର ଦାଖଲ କରିବାକୁ ହେବ।
- ବ୍ଲକ୍ ଅଧ୍ୟକ୍ଷଙ୍କ ଦ୍ୱାରା ଆଟେଷ୍ଟଡ୍ କରିବାକୁ ହେବ।
- ଗ୍ରାମପଞ୍ଚାୟତର 'ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ' କିମ୍ବା ବ୍ଲକ୍‌ର 'ସାମାଜିକ – ଶିକ୍ଷା ସଙ୍ଗଠକ' ଙ୍କ ନିକଟରେ ଆବେଦନ ପତ୍ର ବା ଦରଖାସ୍ତ ଫର୍ମ ପୂରଣ କରି ଦାଖଲ କରିବାକୁ ହେବ।

**ହିତାଧିକାରୀଙ୍କ ହକ୍ - ଅଧିକାର**

- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ପ୍ରାଥମିକ ମୁଖ୍ୟ ଅର୍ଜନକାରୀ ବ୍ୟକ୍ତିଙ୍କ ଆକସ୍ମିକ ମୃତ୍ୟୁରେ, ଏକକାଳୀନ ୨୦,୦୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ;

■ ଏହି ଅର୍ଥ ପରିବାରରେ ବଞ୍ଚି ରହିଥିବା ପରବର୍ତ୍ତୀ ମୁଖ୍ୟଙ୍କୁ ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ଯାଞ୍ଚ ପରେ ବ୍ୟବସାୟିକ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍ ସଞ୍ଚୟ ଜମାଖାତାରେ ଯୋଗାଇ ଦିଆଯାଇଥାଏ;

**ଅଭିଯୋଗ ଶୁଣାଣି**

ହିତାଧିକାରୀମାନେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସିଧାସଳଖ ଦରଖାସ୍ତ ମାଧ୍ୟମରେ ଅଭିଯୋଗ କରିପାରିବେ । ବ୍ଲକ୍‌ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସବ୍‌ଡ଼ିଭିଜନସ୍ତରରେ ଉପ - ଜିଲ୍ଲାପାଳ, ଜିଲ୍ଲାସ୍ତରରେ ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗୀୟ ଅଧିକାରୀଙ୍କ ସ୍ତରରେ ।

ଜାତୀୟ ପରିବାର ମଙ୍ଗଳ ଯୋଜନା ଉପରେ ଉଚ୍ଚତମ ନ୍ୟାୟଳୟଙ୍କ ନିର୍ଦ୍ଦେଶାବଳୀ (ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶ ୨୮ ନଭେମ୍ବର ୨୦୦୧, ୨୭ ଏପ୍ରିଲ୍ ୨୦୦୪, ୧୮ ନଭେମ୍ବର ୨୦୦୪)

■ ଦାରିଦ୍ର୍ୟ ସୀମାରେଖା ତଳେ ଥିବା (ବି.ପି.ଏଲ୍.) ପରିବାରର ପ୍ରାଥମିକ ମୁଖ୍ୟ ଅର୍ଜନକାରୀ ବ୍ୟକ୍ତିଙ୍କ ମୃତ୍ୟୁରେ ସ୍ଥାନୀୟ ସରପଞ୍ଚଙ୍କ ମାଧ୍ୟମରେ ମୃତ୍ୟୁର ୪ ସପ୍ତାହ ମଧ୍ୟରେ ଏକକାଳୀନ ୧୦,୦୦୦ଟଙ୍କା ପ୍ରଦାନ କରାଯିବା ଉଚିତ୍;

■ ଉଚ୍ଚତମ ନ୍ୟାୟଳୟଙ୍କ ଅନୁମତି ବିନା ଏହି ଯୋଜନାକୁ ବନ୍ଦ କିମ୍ବା ସଂକୁଚିତ କରାଯାଇ ପାରିବନାହିଁ;

# ଜାତୀୟ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ ସହାୟତା ଦାବି ନିମନ୍ତେ ଦରଖାସ୍ତ ଫର୍ମ

ମୁଁ/ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀ ସ୍ୱାଭାବିକ/ ଦୁର୍ଘଟଣା ଜନିତ ମୃତ୍ୟୁ ବରଣ କରିଥିବା ଶ୍ରୀ/ ଶ୍ରୀମତୀ.......ଗ୍ରାମ/ସହର.......ଜିଲ୍ଲା.... ର ଆଶ୍ରିତ ଅଟୁ। ଏଣୁ ଜାତୀୟ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ନିମ୍ନରେ ଥିବା ବ୍ୟକ୍ତିମାନଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ଅନୁଯାୟୀ ସହାୟତା ନିମନ୍ତେ ଦରଖାସ୍ତ କରୁଅଛୁ। ଏଥି ସହିତ ମୃତ ବ୍ୟକ୍ତିଙ୍କର ସଂପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

କ) ମୃତ ବ୍ୟକ୍ତିଙ୍କର ସମ୍ପୂର୍ଣ୍ଣ ବିବରଣୀ:-

୧. ନାମ –

୨. ପିତା/ସ୍ୱାମିଙ୍କର ନାମ –

୩. ସଂପୂର୍ଣ୍ଣ ଠିକଣା –

୪. ବୟସ –

୫. ଧନ୍ଦା –

ଖ) ମୃତ୍ୟୁ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ:-

୧. ମୃତ୍ୟୁର ତାରିଖ –

୨. ସ୍ୱାଭାବିକ/ ଦୁର୍ଘଟଣା ଜନିତ –

୩. କ) ଦୁର୍ଘଟଣା ଜନିତ ହୋଇଥିଲେ ଦୁର୍ଘଟଣାର କାରଣ –

ଖ) ଦୁର୍ଘଟଣାର ସ୍ଥାନ ଓ ତାରିଖ –

୪. ସ୍ୱାଭାବିକ ମୃତ୍ୟୁ ଘଟିଥିଲେ ତାହାର କାରଣ –

୫. ମୃତ୍ୟୁ ଘଟିଥିବା ସ୍ଥାନ:- ଗ୍ରାମ/ ସହର, ଥାନା, ଗ୍ରାମପଞ୍ଚାୟତ/ ପୌରାଞ୍ଚଳ/ ନଗରପାଳିକା ନାମ –

.......................................................................................................................

୬.ମୃତ୍ୟୁ ଘଟିଥିବା ସ୍ଥାନ:- ଗ୍ରାମ/ ସହର, ଥାନା, ଗ୍ରାମପଞ୍ଚାୟତ/ ପୌରାଞ୍ଚଳ/ ନଗରପାଳିକା ନାମ –

.......................................................................................................................

୭. ମୃତ ବ୍ୟକ୍ତିଙ୍କୁ ଚିକିତ୍ସା କରିଥିବା ଚିକିତ୍ସକଙ୍କ ନାମ ଏବଂ ସଂପୃକ୍ତ ଡ଼ାକ୍ତରଖାନାର ସଂପୂର୍ଣ୍ଣ ଠିକଣା – ..............................

.......................................................................................................................

୮.ମୃତ ବ୍ୟକ୍ତିଙ୍କର ଶବ ବ୍ୟବଚ୍ଛେଦ ହୋଇଥିଲା କି ? ହଁ/ ନାହିଁ ...........................

ଗ) ମୃତ ବ୍ୟକ୍ତିଙ୍କର ଆଶ୍ରିତ ମାନଙ୍କର ସଂପୂର୍ଣ୍ଣ ବିବରଣୀ –

| କ୍ର. ସଂ. | ନାମ | ବୟସ | ମୃତ ବ୍ୟକ୍ତିଙ୍କ ସହିତ ସଂପର୍କ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |

ଘ) ଅନ୍ୟ କିଛି କ୍ଷତିପୂରଣ ପାଇବାର ଥିଲେ ତାର ସମ୍ପୂର୍ଣ୍ଣ ବିବରଣୀ:-

..........................................................................................................................ମୁଁ ଆମ୍ଭେ ଏତଦ୍ୱାରା ଘୋଷଣା କରୁଅଛୁ ଯେ ଆମ୍ଭେମାନେ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଅନ୍ତର୍ଭୁକ୍ତ ଅଟୁ।

ଦରଖାସ୍ତକାରୀଙ୍କ ସ୍ୱାକ୍ଷର/ ଟିପଚିହ୍ନ

୧. ........................

୨. ........................

୩. ........................

୪. ........................

# ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗୋଷ୍ଠୀ ତଦାରଖ ଓ ସାମାଜିକ ସମୀକ୍ଷା

୧.୧. ସାଧାରଣ ବଣ୍ଟନ ବ୍ୟବସ୍ଥା (ପି.ଡ଼ି.ଏସ୍.)ର ପୃଷ୍ଠଭୂମି –

ସାଧାରଣ ବଣ୍ଟନ ବ୍ୟବସ୍ଥା, ସରକାରଙ୍କ ସୁଲଭ ମୂଲ୍ୟ ଖୁଚୁରା ଖାଉଟି ଦୋକାନ ଗୁଡ଼ିକରୁ ଅତ୍ୟାବଶ୍ୟକ ସାମଗ୍ରୀ ପାଇବା ପାଇଁ ଦାରିଦ୍ର୍ୟ ସୀମାରେଖା ତଳେ (ବି.ପି.ଏଲ୍.) ଥିବା ଗରିବ ଲୋକମାନଙ୍କୁ ସାହାଯ୍ୟ କରିଥାଏ। ଭାରତରେ ପ୍ରଥମେ ୧୯୩୯ ମସିହାରେ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ ଆରମ୍ଭ (ବମ୍ବେ ଠାରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା) ହେଲା। ଏହାପରେ ୧୯୪୨ ମସିହାରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ମୌଳିକ ନୀତି ନିର୍ଦ୍ଧାରଣ କରାଗଲା। ୧୯୪୩ ମସିହାରେ ସମସ୍ତ ସହରାଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ (ଏକ ଲକ୍ଷ ଜନସଂଖ୍ୟାରୁ ଅଧିକ) ଆରମ୍ଭ ହେଲା। ୧୯୬୫ ମସିହାରେ ଭାରତୀୟ ଖାଦ୍ୟ ନିଗମ ଏବଂ କୃଷିଜାତ ଦ୍ରବ୍ୟ ମୂଲ୍ୟ ନିର୍ଦ୍ଧାରଣ ଆୟୋଗ ଗଠନ କରାଗଲା। ୧୯୮୪ ମସିହାରେ ଖାଦ୍ୟ ଏବଂ ସାଧାରଣ ଯୋଗାଣ ମନ୍ତ୍ରଣାଳୟ ଗଠନ କରାଗଲା ଓ ୧୯୯୨ ମସିହାରେ ସଂଶୋଧିତ ସାଧାରଣ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲା। ୧୯୯୭ ମସିହାରେ ଲକ୍ଷ୍ୟଭିତିକ ସାର୍ବଜନୀନ ବିତରଣ ବ୍ୟବସ୍ଥା ଆରମ୍ଭ କରାଗଲା ଓ ୨୦୦୧

ମସିହାରେ ସରକାରଙ୍କ ଦ୍ୱାରା ସାଧାରଣ ବଣ୍ଟନ ବ୍ୟବସ୍ଥା ନିୟନ୍ତ୍ରଣ ନିର୍ଦ୍ଦେଶାବଳୀ ଘୋଷଣା କରାଗଲା। ଗରିବ ଲୋକମାନଙ୍କର ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବା ସହିତ ସୁଲଭ ମୂଲ୍ୟ ବା ରିହାତି ଦରରେ ଅତ୍ୟାବଶ୍ୟକ ସାମଗ୍ରୀ ଖାଦ୍ୟଶସ୍ୟ, ଚିନି, କିରାସିନି ଆଦି ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ଏହି ସାଧାରଣ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି।

୧.୨. ସାଧାରଣ ବଣ୍ଟନ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ –

- ଚାଷୀମାନଙ୍କୁ ସେମାନଙ୍କ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଦେବା;
- ସବୁ ସମୟରେ ସବୁ ସ୍ଥାନରେ ଏପରିକି ପ୍ରାକୃତିକ ବିପର୍ଯ୍ୟୟ ଅଞ୍ଚଳରେ ଖାଦ୍ୟଶସ୍ୟକୁ ପହଞ୍ଚାଇବା;
- ଯେପରି ଆବଶ୍ୟକ ସାମଗ୍ରୀ ଯଥା:- ଚାଉଳ, ଗହମ, କରାସିନି, ଚିନିର ଦରବୃଦ୍ଧି ନଘଟେ, ତାହା ସୁନିଶ୍ଚିତ କରିବା;
- ପୁଷ୍ଟି ଯୋଗାଣ ମାଧ୍ୟମରେ ଦେଶରେ ଦାରିଦ୍ର୍ୟ ଦୂରୀକରଣ ଓ କ୍ଷୁଧା ନିବାରଣ କରିବା;

୧.୩. ସାମଗ୍ରୀ ବଣ୍ଟନ ପ୍ରକ୍ରିୟା

- ଏହି ବଣ୍ଟନ ବ୍ୟବସ୍ଥାକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ଓଡ଼ିଶା ସରକାର ପଞ୍ଚାୟତକୁ ୨୫ ହଜାର ଟଙ୍କା ପୁଞ୍ଜି ଆକାରରେ ଦେଇଛନ୍ତି।

■ ଜଣେ ସରକାରୀ କର୍ମଚାରୀ ଓ ଜଣେ ପଞ୍ଚାୟତ ପ୍ରତିନିଧିଙ୍କ ଉପସ୍ଥିତିରେ ଦ୍ରବ୍ୟ ବଣ୍ଟନ ହେବା ଆବଶ୍ୟକ।

■ ଜିଲ୍ଲାପାଳଙ୍କ ଦାୟିତ୍ୱରେ ପି.ଡ଼ି.ଏସ୍. କେନ୍ଦ୍ରରେ ପହଞ୍ଚିବା ଆବଶ୍ୟକ।

୧.୪. ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବଣ୍ଟନର ମାଧ୍ୟମ

■ ଗ୍ରାମ ପଞ୍ଚାୟତ

■ ସ୍ୱୟଂ ସହାୟିକା ଗୋଷ୍ଠୀ

■ ସମବାୟ ସମିତି

■ ବ୍ୟକ୍ତିଗତ ବଣ୍ଟନକାରୀ (ଡ଼ିଲର)

■ ଭ୍ରାମ୍ୟମାଣ ଦୋକାନ

୧.୫. ଭିଜିଲାନସ୍ କମିଟି ଓ ସାଧାରଣ ନାଗରିକଙ୍କ ଅଂଶଗ୍ରହଣ

ସାଧାରଣ ବଣ୍ଟନ ବ୍ୟବସ୍ଥାର କାର୍ଯ୍ୟକାରୀତାକୁ ସମୟକୁ ସମୟ ସମୀକ୍ଷା କରିବା ପାଇଁ ରାଜ୍ୟ ସରକାର ସୁଲଭ ମୂଲ୍ୟ ଦୋକାନସ୍ତରରେ, ବ୍ଲକ/ଜିଲ୍ଲାସ୍ତରରେ ଏବଂ ରାଜ୍ୟସ୍ତରରେ ଭିଜିଲାନସ୍ କମିଟି ଗଠନ କରିବେ। ଏହି କମିଟିରେ ସରକାରୀ କର୍ତ୍ତୃପକ୍ଷ, ସାମାଜିକ ସଙ୍ଗଠନର ପ୍ରତିନିଧି, ଖାଉଟି ସଙ୍ଗଠନର ପ୍ରତିନିଧି ଓ ସ୍ୱାୟତ ଶାସନ ଅନୁଷ୍ଠାନର ପ୍ରତିନିଧିମାନେ ସଦସ୍ୟ/ସଦସ୍ୟା ଭାବେ ରହିବେ। ସୁଲଭ ମୂଲ୍ୟ ଦୋକାନସ୍ତରୀୟ ଭିଜିଲାନସ୍ କମିଟି – ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାଇଁ ପ୍ରତ୍ୟେକ ସୁଲଭ ମୂଲ୍ୟ ଦୋକାନ ସ୍ତରରେ ଏକ ଭିଜିଲାନସ୍ କମିଟି (ସୁଲଭ ମୂଲ୍ୟ ଦୋକାନ ସ୍ତରୀୟ ପରାମର୍ଶଦାତା କମିଟି ସମେତ) ଗଠନ କରାଯିବ। ସେହି କମିଟିରେ ସଦସ୍ୟ/ ସଦସ୍ୟା ରହିବେ ଯଥା:-

**ଗ୍ରାମାଞ୍ଚଳ ପାଇଁ –**

କ) ଯେଉଁ ୱାର୍ଡ଼ରେ ସୁଲଭ ମୂଲ୍ୟ ଦୋକାନ ରହିଛି ସେହି ୱାର୍ଡ଼ର ୱାର୍ଡ଼ ମେମ୍ବର, ଯିଏକି କମିଟିର ଅବାହକ ରହିବେ;

ଖ) ତିନି ଜଣ (ଅତି କମ୍‌ରେ ଜଣେ ମହିଳା) ସଦସ୍ୟ/ ସଦସ୍ୟା ସୁଲଭ ମୂଲ୍ୟ ଦୋକାନର ଖାଉଟିଙ୍କ ମଧ୍ୟରୁ ଗ୍ରାମ ପଞ୍ଚାୟତ ଦ୍ୱାରା ମନୋନୀତ;

ଗ) ସୁଲଭ ମୂଲ୍ୟ ଦୋକାନର ଖାଉଟିଙ୍କ ମଧ୍ୟରୁ ଦୁଇ ଜଣ ମହିଳା ସଦସ୍ୟା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ମନୋନୀତ;

ଘ) ସୁଲଭ ମୂଲ୍ୟ ଦୋକାନର ଖାଉଟିଙ୍କ ମଧ୍ୟରୁ ଏକ ଜଣ ସଦସ୍ୟ/ ସଦସ୍ୟା ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ମନୋନୀତ;

ଙ) ସୁଲଭ ମୂଲ୍ୟ ଦୋକାନର ଖାଉଟିଙ୍କ ମଧ୍ୟରୁ ଏକ ଜଣ ସଦସ୍ୟ/ ସଦସ୍ୟା ଅନୁସୂଚିତ ଜନଜାତିରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ମନୋନୀତ;

ବ୍ଲକ୍ ସ୍ତରୀୟ ଭିଜିଲାନସ୍ କମିଟି - (ବ୍ଲକ୍‌ସ୍ତରୀୟ ପରାମର୍ଶଦାତା କମିଟି) ରେ ନିମ୍ନଲିଖିତ ସଦସ୍ୟ/ ସଦସ୍ୟା ରହିବେ।

ବ୍ଲକ୍‌ସ୍ତରୀୟ ପରାମର୍ଶଦାତା କମିଟି –

| | | |
|---|---|---|
| କ) | ସ୍ଥାନୀୟ ବିଧାୟକ; | ଅଧ୍ୟକ୍ଷ |
| ଖ) | ସ୍ଥାନୀୟ ସାଂସଦ କିମ୍ବା ତାଙ୍କ ପ୍ରତିନିଧି; | ସଦସ୍ୟ |
| ଗ) | ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା; | ଉପାଧ୍ୟକ୍ଷ |
| ଘ) | ଜଣେ ପଞ୍ଚାୟତ ସମିତି ସଦସ୍ୟ/ ସଦସ୍ୟା (ପଞ୍ଚାୟତ ସମିତି ଦ୍ୱାରା ମନୋନୀତ); | ସଦସ୍ୟ |
| ଙ) | ଦୁଇ ଜଣ ସରପଞ୍ଚ (ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ); | ସଦସ୍ୟ |
| ଚ) | ଖାଉଟିଙ୍କ ମଧ୍ୟରୁ ଚାରି ଜଣ ସଦସ୍ୟ/ ସଦସ୍ୟା ଅତି କମ୍‌ରେ ଜଣେ ମହିଳା ଏବଂ ଜଣେ ଅନୁସୂଚିତ ଜନଜାତିରୁ (ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ); | ସଦସ୍ୟ |
| ଛ) | ଖାଉଟି ସଙ୍ଗଠନର ଜଣେ ପ୍ରତିନିଧି (ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ); | ସଦସ୍ୟ |
| ଜ) | ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଦୁଇ ଜଣ ସଦସ୍ୟା (ଯେଉଁମାନେ ସାଧାରଣ ବଣ୍ଟନ ବ୍ୟବସ୍ଥା ସହ ସଂପୃକ୍ତ ନୁହେଁ), (ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ); | ସଦସ୍ୟ |
| ଝ) | ମାର୍କେଟିଂ ଅଧିକାରୀ ଯୋଗାଣ; | ସଦସ୍ୟ |
| ଞ) | ଗୋଷ୍ଠୀ ଉନ୍ନୟନ ଅଧିକାରୀ; | ସଦସ୍ୟ ଆବାହକ |

**ଜିଲ୍ଲାସ୍ତରୀୟ ଭିଜିଲାନସ୍ କମିଟି –**

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଜିଲ୍ଲାସ୍ତରରେ ଭିଜିଲାନସ୍ କମିଟି ଗଠନ କରାଯିବ। ଏଥିରେ ୧୦ଜଣ ସଦସ୍ୟ/ ସଦସ୍ୟା ବିଭିନ୍ନ କ୍ଷେତ୍ରରୁ ଯଥା ହିତାଧିକାରୀ ଗୋଷ୍ଠୀ, ସାମାଜିକ /ଖାଉଟି ସଙ୍ଗଠନ, ନିର୍ବାଚିତ ଲୋକ ପ୍ରତିନିଧି ରହିବେ। ଜିଲ୍ଲାସ୍ତରୀୟ ଭିଜିଲାନସ୍ କମିଟିକୁ ଅଭିଯୋଗ ଶୁଣାଣି ଓ ସମସ୍ୟା ସମାଧାନର ଦାୟିତ୍ୱ ଦିଆଯିବ। ନିଜ ସ୍ତରରେ ଏହା ସମାଧାନ କରିନପାରିଲେ ରାଜ୍ୟସ୍ତରୀୟ କମିଟିକୁ ନିଜର ସୁପାରିଶ ସହ ସମସ୍ୟା ସମାଧାନ ପାଇଁ ପ୍ରେରଣା କରିବେ।

**ରାଜ୍ୟସ୍ତରୀୟ ଭିଜିଲାନସ୍ କମିଟି –**

ରାଜ୍ୟସ୍ତରୀୟ ଭିଜିଲାନସ୍ କମିଟିରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଉଚ୍ଚ କର୍ତ୍ତୃପକ୍ଷ, ବିଧାନ ସଭାର କିଛି ସଦସୟ, ଖାଉଟି ଆକ୍ଟିଭିଟି, ମହିଳା ଓ ଯୁବ ସଙ୍ଗଠନର ପ୍ରତିନିଧିମାନେ ରହିବେ। ଏହି କମିଟିର ଅଧକ୍ଷ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ବେସାମରିକ ଯୋଗାଣ ଦୟିତ୍ୱରେ ଥିବା ମନ୍ତ୍ରୀ ହୋଇପାରନ୍ତି ଏବଂ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀ ଯଥା ଗ୍ରାମୀଣ ବିକାଶ, ନଗର ଉନ୍ନୟନ ଇତ୍ୟାଦି ସାମିଲ ହୋଇପାରନ୍ତି। ଏହି କମିଟି ପ୍ରତି ତିନି ମାସରେ ଥରେ ସାଧାରଣ ବଣ୍ଟନ ବ୍ୟବସ୍ଥାର କାର୍ଯ୍ୟକାରୀତା, ଉପୁଜୁଥିବା ସମସ୍ୟା ଆଦି ବିଷୟରେ ସମୀକ୍ଷା କରିବେ। କମିଟି ମଧ ସୁଲଭ ମୂଲ୍ୟ ଦୋକାନ, ଖାଦ୍ୟ ଓ ବେସାମରିକ ଯୋଗାଣ ବିଭାଗ ପରିଦର୍ଶନ କରିପାରିବେ ଏବଂ ହିତାଧିକାରୀମାନଙ୍କୁ ଭେଟିପାରିବେ । ଆବଶ୍ୟକ ହେଲେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସଫଳ ରୂପାୟନ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଗଠନମୂଳକ ସଂଶୋଧିତ ଉପାୟମାନ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇପାରିବେ।

**୧.୬. ଅଭିଯୋଗ ଶୁଣାଣି ପ୍ରକ୍ରିୟା –**

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଉପୁଜୁଥିବା ସମସ୍ୟାକୁ ନେଇ ସାଧାରଣ ଖାଉଟି ନାଗରିକମାନେ ନିମ୍ନ ପ୍ରକାରେ ଅଭିଯୋଗ କରିପାରିବେ। ଏହି ପ୍ରକ୍ରିୟାରେ ଜଣେ ସାଧାରଣ ଖାଉଟି ନାଗରିକ ତାଙ୍କର ଅଭିଯୋଗ ଦରଜ କରିବେ ଏବଂ ପରବର୍ତ୍ତୀ ସମୟରେ ତାଙ୍କ ଅଭିଯୋଗର ସ୍ଥିତି

କଣ ଅଛି ତାହା ପଚାରି ବୁଝିପାରିବେ। ସେଥିପାଇଁ ତାଙ୍କୁ ଏକ ଅଭିଯୋଗ ପଂଜିକରଣର ଏକ ପ୍ରାପ୍ତିସ୍ୱୀକାର ନମ୍ବର ପ୍ରଦାନ କରାଯାଇଥାଏ। ଏହି ନମ୍ବରକୁ ବ୍ୟବହାର କରି ଅଭିଯୋଗକାରୀ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ ଓ ଅଭିଯୋଗର ତଦାନିନ୍ତନ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ। ଅଭିଯୋଗର ଶେଷ ସମାଧାନ ପର୍ଯ୍ୟନ୍ତ ସୂଚନା ମାଗିପାରିବେ ଏବଂ ସୂଚନା ପାଇପାରିବେ।

**ପ୍ରଥମ ପ୍ରଣାଳୀ – ଓଡ଼ିଶା ସରକାରଙ୍କ ଇ-ଅଭିଯୋଗ ଶୁଣାଣି ପ୍ରକ୍ରିୟା**

- ଦେୟମୁକ୍ତ ଟେଲିଫୋନ ନମ୍ବର, ସଂଯୋଗ ହେଲପ୍ ଲାଇନ୍ – ୧୮୦୦୩୪୫୬୭୭୦୦/୧୫୫୩୩୫.
- ଫାକ୍ସ ନମ୍ବର, ସଂଯୋଗ ହେଲପ୍ ଲାଇନ୍ – ୦୬୭୪ – ୨୫୩୬୬୪୧
- ଇ – ମେଲ ଠିକଣା ସଂଯୋଗ ହେଲପ୍ ଲାଇନ୍ –
- ୱେବ୍‌ସାଇଟ୍, ସଂଯୋଗ ହେଲପ୍ ଲାଇନ୍ –

**ଦ୍ୱିତୀୟ ପ୍ରଣାଳୀ –** ହିତାଧିକାରୀମାନେ ସେମାନଙ୍କର ଅଭିଯୋଗକୁ ସୁଲଭ ମୂଲ୍ୟ ଖାଉଟି ଖୁଚୁରା (କଣ୍ଟ୍ରୋଲ) ଦୋକାନରେ ଉପଲବ୍ଧ ଥିବା ଅଭିଯୋଗ ପୁସ୍ତକ ବା ଅଭିଯୋଗ ରେଜିଷ୍ଟରରେ ଲିପିବଦ୍ଧ କରିପାରିବେ। ନିମ୍ନ ପ୍ରଦତ୍ତ କମିଟି ବା ପ୍ରତିନିଧି ବା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ଉଲ୍ଲେଖ କରିପାରିବେ।

୧. ସୁଲଭମୂଲ୍ୟ ଦୋକାନ ସ୍ତରରେ ଥିବା ପରାମର୍ଶଦାତା କମିଟି;

୨. ସଂପୃକ୍ତ ପଞ୍ଚାୟତିରାଜ ପ୍ରତିନିଧି;

୩. ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଂପୃକ୍ତ ଅଧିକାରୀ ଏବଂ;

୪. ଜିଲ୍ଲାର ଜିଲ୍ଲାପାଳ;

**ତୃତୀୟ ପ୍ରଣାଳୀ –** ହିତାଧିକାରୀମାନେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସିଧାସଳଖ ଦରଖାସ୍ତ ମାଧମରେ ଅଭିଯୋଗ କରିପାରିବେ। ବ୍ଲକ୍‌ସ୍ତରରେ, ସବ୍‌ଡ଼ିଭିଜନସ୍ତରରେ, ଜିଲ୍ଲାସ୍ତରରେ ଏବଂ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ ଅଧିକାରୀଙ୍କ ସ୍ତରରେ। ତାହା ନିମ୍ନରେ ପ୍ରଦତ୍ତ ହେଲା –

କ) ବ୍ଲକ୍ ସ୍ତରରେ – ଗୋଷ୍ଠୀ ଉନ୍ନୟନ ଅଧିକାରୀ/ ମାର୍କେଟିଂ ଅଧିକାରୀ/ ଯୋଗାଣ ଅଧିକାରୀ;

ଖ) ସବ୍‌ଡ଼ିଭିଜନସ୍ତରରେ – ଉପ - ଜିଲ୍ଲାପାଳ ଏବଂ ଆସିଷ୍ଟାଣ୍ଟ ସିଭିଲ୍ ସପ୍ଲାଇ ଅଫିସର

ଗ) ଜିଲ୍ଲାସ୍ତରରେ – ଜିଲ୍ଲପାଳ, ସିଭିଲ୍ ସପ୍ଲାଇ ଅଫିସର ଏବଂ ଆସିଷ୍ଟାଣ୍ଟ ସିଭିଲ୍ ସପ୍ଲାଇ ଅଫିସର

ଘ) ରାଜ୍ୟସ୍ତରରେ – ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅଣ୍ଡର ସେକ୍ରେଟାରୀ ଏବଂ ପ୍ରିନସ୍‌ପାଲ ସେକ୍ରେଟାରୀ

# ଅନ୍ତୋଦୟ ଅନ୍ନ ଯୋଜନା

**ପୃଷ୍ଠଭୂମି**

ନିହାତି ଗରିବ ଶ୍ରେଣୀର ଲୋକଙ୍କ ଖାଦ୍ୟ ନିରାପତ୍ତା ପାଇଁ ଏହି ଯୋଜନାକୁ କେନ୍ଦ୍ର ସରକାର ଲାଗୁ କରିଛନ୍ତି। ସମାଜର ଅତି ଅଭାବଗ୍ରସ୍ତ ପରିବାରଗୁଡ଼ିକ ଏହି ଯୋଜନାର ହିତାଧିକାରୀ ଭାବେ ଚିହ୍ନଟ କରାଯାଏ। ଚିହ୍ନଟ ହୋଇଥିବା ତଥା ପୂର୍ଣ୍ଣାଙ୍ଗ ତାଲିକାରେ ସ୍ଥାନ ପାଇଥିବା ପରିବାର ମାସକୁ ୩୫ କି.ଗ୍ରା. ଶସ୍ୟ ରିହାତି ଦରରେ ପାଇପାରିବେ। ଏହା କେନ୍ଦ୍ର ସରକାରଙ୍କର ଏକ ଯୋଜନା। ଏହା ୨୦୦୦ ମସିହା ଡ଼ିସେମ୍ବର ୨୫ ତାରିଖରୁ କାର୍ଯ୍ୟକାରୀ ହୋଇ ଆସୁଛି।

**ଅନ୍ତ୍ୟୋଦୟ ଅନ୍ନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ**

- ■ ରିହାତି ଦରରେ ସମାଜର ଅତି ଗରିବ ବା ନିଃସହାୟ ପରିବାରକୁ ଖାଦ୍ୟ ସାମଗ୍ରୀ ଦେବା;
- ■ ଗରିବରୁ ଗରିବତମ ପରିବାରଗୁଡ଼ିକ ପାଇଁ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା;

**ହିତାଧିକାରୀ ଓ ଚୟନ ପ୍ରକ୍ରିୟା**

- ■ ଏହି ଯୋଜନା ନିମନ୍ତେ ହିତାଧିକାରୀ ଚିହ୍ନଟ ସଂପୃକ୍ତ ଗ୍ରାମର ପଲ୍ଲୀସଭାରେ ଚିହ୍ନଟ କରାଯାଇ ଗ୍ରାମସଭାକୁ ଅନୁମୋଦନ ନିମନ୍ତେ ସୁପାରିଶ କରାଯାଏ। ଗ୍ରାମ ପଞ୍ଚାୟତ ଏହି ଚିଠାକୁ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ପଠାଇ ଥାଆନ୍ତି। ଜିଲ୍ଲା ସ୍ତରରେ ଜିଲ୍ଲା କୋଟା ଅନୁଯାୟୀ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଏ। ଏହାପରେ ପୂର୍ଣ୍ଣାଙ୍ଗ ତାଲିକା ଅନୁସାରେ ସମସ୍ତ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଖାଉଟି କାର୍ଡ଼ ଯୋଗାଇ ଦିଆଯାଏ। ଅର୍ଥାତ୍ ଗରିବରୁ ଗରିବତମ ଶ୍ରେଣୀର ଲୋକଙ୍କୁ ଗ୍ରାମସଭା ଦ୍ୱାରା ଚିହ୍ନଟ କରାଯାଇ ଅନ୍ତ୍ୟୋଦୟ କାର୍ଡ଼ ଯୋଗାଇ ଦିଆଯାଇଥିବା ପରିବାର;
- ■ ପ୍ରାଥମିକ ପର୍ଯ୍ୟାୟରେ କେବଳ ବିପିଏଲ୍ ତାଲିକାଭୁକ୍ତ ଗରିବରୁ ଗରିବତମ ପରିବାରଗୁଡ଼ିକୁ ଚିହ୍ନଟ କରାଯାଇ ଅନ୍ତ୍ୟୋଦୟ କାର୍ଡ଼ ପ୍ରଦାନ କରାଯାଉଥିଲା;
- ■ ପରବର୍ତ୍ତୀ ସମୟରେ ବିପିଏଲ୍ ତାଲିକାଭୁକ୍ତ ନଥାଇ ଗରିବରୁ ଗରିବତମ ପରିବାରଗୁଡ଼ିକ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ଅନ୍ତ୍ୟୋଦୟ କାର୍ଡ଼ ପ୍ରଦାନ ନିମନ୍ତେ ମାନ୍ୟବର ସୁପ୍ରିମ୍ କୋର୍ଟ ନିର୍ଦ୍ଦେଶ ଦେଲେ। ତାହାକୁ କୁହାଗଲା ନନ୍ – ବିପିଏଲ୍ ଅନ୍ତ୍ୟୋଦୟ ହିତାଧିକାରୀ। ତାହାର ବିବରଣୀ ଅନ୍ତ୍ୟୋଦୟ ଅନ୍ନ ଯୋଜନା ପାଇଁ ଉଚ୍ଚତମ ନ୍ୟାୟାଳୟଙ୍କର ନିର୍ଦ୍ଦେଶାବଳୀରେ ତଳେ ଦିଆଯାଇଛି।

**ହିତାଧିକାରୀ କେତେ ଓ କଣ ପାଇବେ**

| କ୍ର. ନଂ | ଦ୍ରବ୍ୟର ନାମ | ପରିମାଣ (ମାସକୁ) | କି.ଗ୍ରା./ ଲିଟର ପ୍ରତି ଦର |
|---|---|---|---|
| ୧ | ଚାଉଳ | ୩୫ କିଲୋଗ୍ରାମ | ଟ.୨.୦୦ ପଇସା |
| ୨ | ଚିନି | ୨ କିଲୋଗ୍ରାମ | ଟ.୧୩.୫୦ ପଇସା |
| ୩ | କିରାସିନି | ୪ ଲିଟର | ଟ.୧୩.୯୨ ପଇସା |

**ଅଭିଯୋଗ ଶୁଣାଣି**

- ■ ଅଭିଯୋଗ ଶୁଣାଣି ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଥିବା ଅଭିଯୋଗ ପ୍ରକ୍ରିୟା ସହ ସମାନ ଅଟେ।

**ଅନ୍ତ୍ୟୋଦୟ ଅନ୍ନ ଯୋଜନା ପାଇଁ ଉଚ୍ଚତମ ନ୍ୟାୟାଳୟଙ୍କର ନିର୍ଦ୍ଦେଶାବଳୀ**

(ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶ ୨୮ ନଭେମ୍ବର ୨୦୦୧, ୨୯ ଅକ୍ଟୋବର ୨୦୦୨, ୨ ମେ ୨୦୦୩, ୨୦ ଏପ୍ରିଲ ୨୦୦୪, ୧୭ ଅକ୍ଟୋବର ୨୦୦୪ ଏବଂ ୧୯ ଅଗଷ୍ଟ ୨୦୦୫) ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ୦୨.୦୫.୨୦୦୩ ଏବଂ ୧୯.୦୮.୨୦୦୫ ଅନୁଯାୟୀ ନିମ୍ନଲିଖିତ ପରିବାରଗୁଡ଼ିକ ନିହାତି ଭାବେ ଅନ୍ତ୍ୟୋଦୟ କାର୍ଡ଼ ପାଇବେ। ଏହି ପରିବାରଗୁଡ଼ିକ ବି.ପି.ଏଲ୍. ତାଲିକାଭୁକ୍ତ ହୋଇନଥିଲେ ମଧ୍ୟ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ ହୋଇପାରିବେ।

୧. ବୟସ୍କ, ରୁଗ୍ଣା, ଭିନ୍ନକ୍ଷମ, ନିଃସହାୟ ମହିଳା, ପୁରୁଷ, ଗର୍ଭବତୀ ଓ ପ୍ରସୂତୀ ମହିଳା;

୨. ବିଧବା ଏବଂ ଏକାକୀ ରହୁଥିବା ମହିଳା ଯାହାକୁ ସହାୟତା ଦେବା ଭଳି କେହି ନଥିବେ;

୩. ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯାହାଙ୍କର କୌଣସି ରୋଜଗାରର ପନ୍ଥା ନଥିବା କିମ୍ବା ତାଙ୍କୁ ସହାୟତା ଦେବା ଭଳି କେହି ନଥିବେ;

୪. ପରିବାରରେ ଯଦି ବୟସ୍କ, ଭିନ୍ନକ୍ଷମ ବ୍ୟକ୍ତି ଥିବେ;

୫. ପରିବାରରେ ବାର୍ଦ୍ଧକ୍ୟ ହେତୁ, ଶାରିରୀକ ଓ ମାନସିକ ଅନଗ୍ରସରତା ହେତୁ, ସାମାଜିକ ପ୍ରଥା ହେତୁ, ଭିନ୍ନକ୍ଷମଙ୍କୁ ସେବା ଯୋଗାଇବା ପାଇଁ ଯଦି କୌଣସି ସାବାଳକ ରୋଜଗାରକୁ ଯାଇପାରୁଥିବେ,

୬. ସମସ୍ତ ଆଦିମ ଆଦିବାସୀ ପରିବାର;

୭. ଭୂମିହୀନ କୃଷି ଶ୍ରମିକ;

୮. ନାମମାତ୍ର ଚାଷୀ, ଗ୍ରାମୀଣ କାରିଗର, ବସ୍ତିମହିଳା ଯାହାର ପରିବାର ତରଫରୁ ଏବଂ ସାମାଜିକ ସହାୟତା ନଥିବ କିମ୍ବା କୌଣସି ରୋଜଗାରର ପନ୍ଥା ନଥିବ;

୯. ଏକାକୀ ପୁରୁଷ, ମହିଳା ଯାହାର ପରିବାର ତରଫରୁ ଏବଂ ସାମାଜିକ ସହାୟତା ନଥିବା କିମ୍ବା କୌଣସି ରୋଜଗାରର ପନ୍ଥା ନଥିବ;

୧୦. ଯଦି ପରିବାରର ମୁଖ୍ୟ ବିଧବା, ଶାରୀରିକ ଅକ୍ଷମ, ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ହୋଇଥିବେ ଏବଂ ତାଙ୍କର କୌଣସି ସହାୟତା କିମ୍ବା ରୋଜଗାରର ପନ୍ଥା ନଥିବ;

## ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଓ ମଧୁବାବୁ ପେନ୍‌ସନ୍

ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାର ପୃଷ୍ଠଭୂମି

- ବୟୋଜ୍ୟେଷ୍ଠ (୫୯ ବର୍ଷ ଏବଂ ତଦୁର୍ଦ୍ଧ୍ୱ) ନାଗରିକଙ୍କ ସମସ୍ୟା ସହିତ ଜଡ଼ିତ;
- ୨୦୦୨ – ୨୦୦୩ ମସିହାରେ ଏହା ରାଜ୍ୟ ସରକାରଙ୍କ ରାଜ୍ୟ ଯୋଜନାକୁ ହସ୍ତାନ୍ତର କରାଗଲା;
- ଦେଶରେ ଅଭାବଗ୍ରସ୍ତ ବୟୋଜ୍ୟେଷ୍ଠ ନାଗରିକମାନଙ୍କ ବଞ୍ଚିବାର ମୌଳିକ ଆବଶ୍ୟକତା ମେଣ୍ଟାଇବା କ୍ଷେତ୍ରରେ ଜାତୀୟ ସ୍ତରରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ମଧ୍ୟରୁ ଏହା ପ୍ରଥମ ଏବଂ ଗୁରୁତ୍ୱପୂର୍ଣ୍ଣ ଯୋଜନା;
- ୧୯୯୫ ମସିହାରେ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଯୋଜନାକୁ ଆରମ୍ଭ କରାଗଲା ଏବଂ ସେହି ସମୟରେ ପ୍ରତି ହିତାଧିକାରୀଙ୍କ ପାଇଁ ମାସିକ ଭତ୍ତା ୭୫ଟଙ୍କା ଧାର୍ଯ୍ୟ କରାଯାଇଥିଲା;
- ଏହି ଯୋଜନା ପାଇଁ ନିର୍ଦ୍ଧାରଣ କରାଯାଇଥିବା ତିନି ଗୋଟି ମାନଦଣ୍ଡ ହେଉଛି:- ବି.ପି.ଏଲ୍. ସ୍ଥିତି, ଅଭାବଗ୍ରସ୍ଥ ସ୍ଥିତି ଏବଂ ୫୯ ବର୍ଷ ବୟସରୁ ଅଧିକ;

ମୁଖ୍ୟ ଉଦ୍ଦେଶ୍ୟ

ବାର୍ଦ୍ଧକ୍ୟ ସମୟରେ ଯେତେବେଳେ ସେ ପୁ/ମ କୌଣସି ରୋଜଗାର କରିବା ପାଇଁ ଅକ୍ଷମ ସେତେବେଳେ ସେମାନଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ସର୍ବନିମ୍ନ ସହାୟତା ବାର୍ଦ୍ଧକ୍ୟ ଭତ୍ତା ଜରିଆରେ ସହଯୋଗ କରାଯାଇଥାଏ ।

ସହାୟତା ରାଶିର ସଂଶୋଧନ

- ୨୦୦୬ – ୨୦୦୭ ଆର୍ଥିକ ବର୍ଷରେ, ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ମାସକୁ ପ୍ରତି ହିତାଧିକାରୀଙ୍କ ପାଇଁ କେନ୍ଦ୍ର ସରକାରଙ୍କର ଅଂଶଧନ ୭୫ଟଙ୍କାରୁ ୨୦୦ଟଙ୍କାକୁ ବୃଦ୍ଧି କରାଯାଇଥିଲା ଏବଂ ସୁପାରିଶ କରାଯାଇଥିଲା ଯେ ରାଜ୍ୟଗୁଡ଼ିକୁ ସମ ପରିମାଣର ଅର୍ଥ ଅଂଶଧନ ରୂପେ ଦେବା ଉଚିତ;
- ୨୦୧୧ ମସିହା ଏପ୍ରିଲ ମାସ ୧ ତାରିଖ ଠାରୁ ଭତ୍ତା ପରିମାଣ ବୃଦ୍ଧି କରାଯାଇଛି । ୮୦ ବର୍ଷ ବୟସରୁ ଅଧିକ ହିତାଧିକାରୀମାନଙ୍କ ପାଇଁ ମାସିକ ୫୦୦ ଟଙ୍କାର ବ୍ୟବସ୍ଥା ହୋଇଥିଲା ବେଳେ ୮୦ ବର୍ଷ ବୟସରୁ କମ୍ ହିତାଧିକାରୀମାନଙ୍କ ପାଇଁ ମାସିକ ଭତ୍ତା ପରିମାଣ ୩୦୦ଟଙ୍କା ୨୦୧୨ ମସିହା ଏପ୍ରିଲ୍ ମାସ ୧ ତାରିଖ ଠାରୁ ଲାଗୁ କରାଯାଇଛି ।
- ଦେଶର ୨୮% ଦାରିଦ୍ର୍ୟ ଆକଳନକୁ ବ୍ୟବହାର କରି ଏନ୍.ଓ.ଏ.ପି.ଏସ୍. ର ହିତାଧିକାରୀ ସଂଖ୍ୟାକୁ କମାଇ ଦିଆଯାଇ ଅଛି;
- ଦାରିଦ୍ର୍ୟ ସୀମାରେଖା ତଳେ ଥିବା କେବଳ ୫୦% ଲୋକଙ୍କ ପାଇଁ ଭାରତ ସରକାର ପାଣ୍ଠି ଆବଣ୍ଟନ କରିଛନ୍ତି;

**ମଧୁବାବୁ ଭତ୍ତା ଯୋଜନା (ଏମ୍.ବି.ପି.ୱାଇ)**

- ଏହି ଯୋଜନା ଓଡ଼ିଶା ସରକାରଙ୍କର ଅଟେ ।
- ଏହା ଆମ ରାଜ୍ୟରେ ୨୦୦୮ ମସିହା ଜାନୁଆରୀ ୧ ତାରିଖରେ କାର୍ଯ୍ୟକାରୀ ହେଲା । କେବଳ ଓଡ଼ିଶା ରାଜ୍ୟର ସ୍ଥାୟୀ ବାସିନ୍ଦାମାନଙ୍କ ନିମନ୍ତେ ପ୍ରଯୁଜ୍ୟ ।
- ଯେଉଁମାନଙ୍କର ବୟସ ୫୯ବର୍ଷ ବା ଉର୍ଦ୍ଧ୍ୱ ହୋଇଥିବ ଏବଂ ତାଙ୍କର ଆୟ ୧୨୦୦୦ ଟଙ୍କାରୁ ଅଧିକ ହୋଇ ନଥିବ, ସେହି ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ବୋଲି ନିର୍ଦ୍ଦେଶ ଥିଲା । ମାତ୍ର ତାହା ୨୦୧୨ ମସିହାରେ ପରିବର୍ତ୍ତନ କରାଯାଇ ବାର୍ଷିକ ଆୟ ୨୪୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

- ଦାରିଦ୍ର୍ୟ ସୀମାରେଖା ଉପରେ (ଏ.ପି.ଏଲ୍) ବାସ କରୁଥିବା ପରିବାରଙ୍କୁ ବାର୍ଷିକ ଆୟର ପ୍ରମାଣପତ୍ର ଏହି ଯୋଜନା ନିମନ୍ତେ ଆବଶ୍ୟକ।
- ବିଧବା, କୁଷ୍ଠରୋଗୀ, ବିକଳାଙ୍ଗ, ଏବଂ ଏଚ୍.ଆଇ.ଭି./ ଏଡ଼ସ୍ ରୋଗୀ ଏହି ଭତ୍ତା ପାଇବାକୁ ଯୋଗ୍ୟ ଅଟନ୍ତି। ଏମାନଙ୍କ କ୍ଷେତ୍ରରେ ବୟସ ପ୍ରମାଣପତ୍ର ଆବଶ୍ୟକ ନାହିଁ।
- ଏହି ଯୋଜନା ଅନୁଯାୟୀ ହିତାଧିକାରୀ ପ୍ରତ୍ୟେକ ମାସର ୧୫ ତାରିଖ ସୁଦ୍ଧା ଟ.୩୦୦.୦୦ପଇସା ପାଇବେ।
- ଏହି ଯୋଜନା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାଇଁ ପ୍ରଯୁଜ୍ୟ ଅଟେ।
- ପୂର୍ବରୁ ଯେଉଁମାନେ କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ଠାରୁ ଯେ କୌଣସି ଭତ୍ତା ପାଉଥିବେ ସେମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ନାହିଁ।
- ଗୋଟିଏ ପରିବାରରେ ଉଭୟ ପୁରୁଷ ଓ ମହିଳା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ।
- ଯଦି ତାଙ୍କର ବାର୍ଷିକ ଆୟ ୨୪ ହଜାର ଟଙ୍କାରୁ ଅଧିକ ହେଉ ନଥିବ।

**ଭତ୍ତା ନିମନ୍ତେ ଦରଖାସ୍ତ ଆବେଦନ କରିବାର ପ୍ରଣାଳୀ**

- ଭତ୍ତା ପାଇବା ନିମନ୍ତେ ଆବେଦନ ଫର୍ମ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ/ ବ୍ଲକ୍ ଉନ୍ନୟନ ଅଧିକାରୀ/ ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟାଳୟରେ ଏହି ଫର୍ମଟି ବିନା ମୂଲ୍ୟରେ ମିଳେ।
- ଆବେଦନ ଫର୍ମଟିକୁ ପୂରଣ କରି ତା'ସହିତ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ/ ବ୍ଲକ୍ ଉନ୍ନୟନ ଅଧିକାରୀ ଓ ସହରାଞ୍ଚଳ ନିମନ୍ତେ ବିଜ୍ଞାପିତ ଅଞ୍ଚଳରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାଖଲ କରିବେ।
- ବିକଳାଙ୍ଗ ଓ ଏଡ଼ସ୍ ରୋଗୀମାନଙ୍କ କ୍ଷେତ୍ରରେ ଫର୍ମ ମାଧ୍ୟମରେ ଆବେଦନ କରିବା ପ୍ରଣାଳୀ ପ୍ରଯୁଜ୍ୟ ନୁହେଁ। ଅର୍ଥାତ୍ ସେମାନଙ୍କର ମୂଳ ପ୍ରମାଣପତ୍ର ଅନୁଯାୟୀ ଭତ୍ତା ପାଇବାକୁ ଯୋଗ୍ୟ ଅଟନ୍ତି।

**ଅଭିଯୋଗ ଶୁଣାଣି**

ହିତାଧିକାରୀମାନେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସିଧାସଳଖ ଦରଖାସ୍ତ ମାଧ୍ୟମରେ ଅଭିଯୋଗ କରିପାରିବେ। ବ୍ଲକ୍‌ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସବ୍‌ଡ଼ିଭିଜନସ୍ତରରେ ଉପ - ଜିଲ୍ଲାପାଳ, ଜିଲ୍ଲାସ୍ତରରେ ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗୀୟ ଅଧିକାରୀଙ୍କ ସ୍ତରରେ।

# ଅନ୍ନପୂର୍ଣ୍ଣା ଯୋଜନା

**ପୃଷ୍ଠଭୂମି**

ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ୧୯୯୫ ମସିହାରେ କାର୍ଯ୍ୟକାରୀ କରାଗଲା। ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୭୫ଟଙ୍କା ହିସାବରେ ୬୮.୮୧ ଲକ୍ଷ ଓ ଆଶ୍ରୟରୁ ବଂଚିତ ନିରାଶ୍ରୟ ଓ ୬୫ ବର୍ଷ ବୟସରୁ ଅଧିକ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଭତ୍ତା ଦେବାକୁ ସ୍ଥିର କରାଗଲା। ସମସ୍ତ ୬୮.୮୧ ଲକ୍ଷ ବ୍ୟକ୍ତିଙ୍କୁ ଭତ୍ତାରେ ସାମିଲ କରାନଯାଇ ଏହାର ୨୦ପ୍ରତିଶତ ଅର୍ଥାତ୍ ୧୩.୭୬୨ ଲକ୍ଷ ହିତାଧିକାରୀଙ୍କୁ ଅର୍ଣ୍ଣପୂର୍ଣ୍ଣା ଯୋଜନାରେ ସାମିଲ କରିବା ପାଇଁ ଧାର୍ଯ୍ୟ କରାଗଲା। ପାଣ୍ଠିର ଉପଲବ୍ଧତା ଆଧାରରେ ପର୍ଯ୍ୟାୟକ୍ରମେ ସମୁଦାୟ ୧୩.୭୬୨ ଲକ୍ଷ ହିତାଧିକାରୀମାନଙ୍କୁ ଅର୍ଣ୍ଣପୂର୍ଣ୍ଣା ଯୋଜନାରେ ସାମିଲ କରିବା ପାଇଁ ପ୍ରସ୍ତାବ ଦିଆଗଲା। ଏହି କାର୍ଯ୍ୟକ୍ରମ ୨୦୦୦ ମସିହା ଏପ୍ରିଲ୍ ମାସ ୧ ତାରିଖରୁ ଆମ ଦେଶରେ କାର୍ଯ୍ୟକାରୀ ହୋଇ ଆସୁଛି।

**ଅନ୍ନପୂର୍ଣ୍ଣା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ**

୬୫ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ନାଗରିକ ଯେଉଁମାନେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଭତ୍ତା ପାଇବା ପାଇଁ ଯୋଗ୍ୟ ଥିଲେ ମଧ୍ୟ ଜାତୀୟ କିମ୍ବା ରାଜ୍ୟ ଭତ୍ତା ପାଇପାରିନାହାନ୍ତି;

**ହିତାଧିକାରୀ ଚୟନ ପ୍ରକ୍ରିୟା –**

ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀମାନଙ୍କୁ ପଲ୍ଲୀସଭା ଓ ଗ୍ରାମସଭା ଦ୍ୱାରା ଚିହ୍ନଟ କରାଯାଇ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଏ। ଜିଲ୍ଲାସ୍ତରରେ ପ୍ରସ୍ତୁତ ସଂପୂର୍ଣ୍ଣ ତାଲିକା ଜନସାଧାରଣଙ୍କ ଗୋଚରାର୍ଥେ ପଞ୍ଚାୟତ, ବ୍ଲକ୍ ତଥା ଜିଲ୍ଲା କାର୍ଯ୍ୟାଳୟମାନଙ୍କରେ ପ୍ରଦର୍ଶିତ ହୁଏ, ମନୋନୀତ ହିତାଧିକାରୀଙ୍କୁ ଏକ ପଡ଼ିକାର୍ଡ଼ ଯୋଗାଇ ଦିଆଯାଏ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଗହମ କିମ୍ବା ଚାଉଳ ଯୋଗାଇ ଦିଆଯାଏ।

ହିତାଧିକାରୀ କେତେ ଓ କ'ଣ ପାଇବେ

- ବିନା ମୂଲ୍ୟରେ ମାସକୁ ୧୦ କି.ଗ୍ରା. ଖାଦ୍ୟଶସ୍ୟ ପାଇପାରନ୍ତି।

ଅଭିଯୋଗ ଶୁଣାଣି

- ଅଭିଯୋଗ ଶୁଣାଣି ପାଇଁ ସାଧାରଣ ବର୍ଣ୍ଟନ ବ୍ୟବସ୍ଥାରେ ଥିବା ଅଭିଯୋଗ ପ୍ରକ୍ରିୟା ସହ ସମାନ ଅଟେ।

ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀ

(ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶ ୨୮ ନଭେମ୍ବର ୨୦୦୧, ୨୭ ଏପ୍ରିଲ ୨୦୦୪)

- ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଏବଂ ପରିବାର ମଙ୍ଗଳ ଯୋଜନା ସମେତ ଏହି ଯୋଜନାକୁ ଉଚ୍ଚତମ ନ୍ୟାୟାଳୟଙ୍କ ବିନା ଅନୁମତିରେ ବନ୍ଦ କିମ୍ବା ସଂକୁଚିତ କରାଯାଇ ପାରିବନାହିଁ।

## ଶିଶୁଶ୍ରମିକ ପ୍ରଥା – ଏକ ଆଇନ୍‌ଗତ ଦଣ୍ଡନୀୟ ଅପରାଧ!

ଶିଶୁଙ୍କ ସ୍ଥାନ ବିଦ୍ୟାଳୟ। ଏହାକୁ ନିଶ୍ଚିତ କରିବା ପାଇଁ ୧୪ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ନିମନ୍ତେ ଶିଶୁମାନଙ୍କ ଅଧିକାର ଅଧିନିୟମ, ୨୦୦୯ (ଞଷର ଜସଶଷଷ୍ୱ କ୍ଟଲ ଉଷସଷୟକ୍ୱରଭ ଶ୍ୱକ୍ଟ ରକ୍ୱରର ୫ ଉକ୍ଟଙ୍କକ୍ଟଙ୍କଷ୍ୱକ୍ଟକ୍ୱଚ ରୟଙ୍କମବଷ୍ୱସକ୍ଟଭ ଇମଷ୍ୱ, ୨୦୦୯) କାର୍ଯ୍ୟକାରୀ କରାଯାଇଛି। ମାତ୍ର ଏବେବି ସହସ୍ରାଧିକ ପିଲା ସ୍କୁଲ ନ ଯାଇ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନରେ ଶିଶୁଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଶିଶୁମାନଙ୍କ ଅଧିକାର ଏବଂ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଜାତିସଂଘ ଶିଶୁ ଅଧିକାର ସନନ୍ଦ (ଟଘଉଜଉ) ଘୋଷଣାନାମା ଜାରି କରାଯାଇଥିଲା। ପକ୍ଷଭୁକ୍ତ ରାଷ୍ଟ୍ରମାନେ ଅର୍ଥନୈତିକ ଶୋଷଣରୁ ଓ ବିପଦ ଜନକ ବିବେଚିତ ହେଉଥିବା କିମ୍ବା ଶିଶୁର ଶିକ୍ଷାଲାଭରେ ଆଞ୍ଚ ଆଣୁଥିବା ଅଥବା ଶିଶୁର ସ୍ୱାସ୍ଥ୍ୟଗତ ବା ଜନିତ କିମ୍ବା ଶାରୀରିକ, ମାନସିକ, ଆତ୍ମୀକ, ନୈତିକ ବା ସାମାଜିକ ବିକାଶ ପକ୍ଷରେ କ୍ଷତିକାରକ ହେଉଥିବା କୌଣସି କାର୍ଯ୍ୟ ସମ୍ପାଦନାରୁ ଶିଶୁ ସୁରକ୍ଷିତ ରହିବାର ଅଧିକାରକୁ ସ୍ୱୀକାର କରନ୍ତି। ଏକ ପକ୍ଷଭୁକ୍ତ ରାଷ୍ଟ୍ରଭାବେ ଭାରତ ୧୧ ଡ଼ିସେମ୍ବର, ୧୯୯୨ ରେ ଏହି ସନନ୍ଦରେ ସ୍ୱାକ୍ଷର କରିଥିଲା। ଉକ୍ତ ଘୋଷଣା ନାମାର ଧାରା ୩୨ ରେ ଶିଶୁଶ୍ରମିକ ନିରାକରଣ ନିମନ୍ତେ ପ୍ରତ୍ୟେକ ରାଷ୍ଟ୍ରର ଏକ କର୍ତ୍ତବ୍ୟ ବୋଲି ଦର୍ଶାଯାଇଛି ଏବଂ ଏଥିରେ ଶିଶୁମାନଙ୍କର ବୟସ ସୀମା ୧୮ ବର୍ଷରୁ କମ୍ ବୋଲି ଉଲ୍ଲେଖ ରହିଛି। ଉକ୍ତ ଘୋଷଣାନାମାକୁ ୨୦ ବର୍ଷ ବିତିଯାଇଥିଲେ ମଧ୍ୟ ଏବେବି ଶିଶୁମାନଙ୍କ ସୁରକ୍ଷା ଏକ ପ୍ରଶ୍ନବାଚୀ।

ଶିଶୁ ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍, ୧୯୮୬ ଅନୁସାରେ ୧୬ଟି ବ୍ୟବସାୟ ଏବଂ ୬୫ଟି ପ୍ରକ୍ରିୟାରେ ୧୪ ବର୍ଷରୁ କମ୍ ଶିଶୁମାନଙ୍କୁ ଶ୍ରମିକ ଭାବେ ନିଯୁକ୍ତିକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ଏହି ବ୍ୟବସାୟ ଗୁଡ଼ିକ ମଧ୍ୟରୁ କେତୋଟି ହେଲା – ଘରୋଇ କାର୍ଯ୍ୟ, ଢାବା, ହୋଟେଲ ଓ ଅନ୍ୟାନ୍ୟ ଚିତ୍ତ ବିନୋଦନ କେନ୍ଦ୍ର, ବିଡ଼ି ତିଆରି, ନିର୍ମାଣ କାର୍ଯ୍ୟ, କୃଷି କାର୍ଯ୍ୟରେ ଯନ୍ତ୍ର ଚାଳନା, ରେଳ ପରିସର ଓ ପରିବହନ, ମୋଟର ପରିବହନ, କଳ କାରଖାନା, ଖଣି ଖାଦାନ, ରଙ୍ଗ କାର୍ଯ୍ୟ, ଜୋତା ତିଆରି, ଛାପାଖାନା, କାଜୁପ୍ରସ୍ତୁତି, ଜରି ଗୋଟାଇବା, ପଥର କାମ, ଲୁଗାରେ ରଙ୍ଗ ଦେବା, ଦିଆସିଲି ତିଆରି, ସିମେଣ୍ଟ ଓ ସିମେଣ୍ଟ ଜାତ ସାମଗ୍ରୀ ପ୍ରସ୍ତୁତ, ଇଟାଭାଟି, ଅଗରବତୀ, ସାର ଏବଂ ପୋକମରା ଔଷଧ ପ୍ରସ୍ତୁତି ଏବଂ ପକାଇବା, କରତକଳ, ପଥରଭଙ୍ଗା ଓ ପଥର ପେଷା, ତମାଖୁଜନିତ ଦ୍ରବ୍ୟ ପ୍ରସ୍ତୁତି ଏବଂ ପ୍ଲାଷ୍ଟିକ ଜାତ ଦ୍ରବ୍ୟ ପ୍ରସ୍ତୁତି ଅନ୍ତର୍ଭୁକ୍ତ।

ଉପରୋକ୍ତ ଆଇନ୍ ଅନୁଯାୟୀ ଯେଉଁ ମାଲିକମାନେ ବିପଦ ସଂକୁଳ କ୍ଷେତ୍ରରେ ଶିଶୁଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇବେ ସେମାନଙ୍କୁ ୩ ମାସରୁ ୧ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ୧୦,୦୦୦ ଟଙ୍କା ଠାରୁ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି। ଏହି ଅପରାଧର ପୁନରାବୃତ୍ତି କଲେ ଦଣ୍ଡର ପରିମାଣ ଦ୍ୱିଗୁଣିତ ହେବାର ଆଇନରେ ବ୍ୟବସ୍ଥା ରହିଛି।

ଆହୁରି ମଧ୍ୟ ଶିଶୁମାନଙ୍କ ଅଧିକାରକୁ ସୁରକ୍ଷା ଏବଂ ସେମାନଙ୍କର ଯତ୍ନ ପାଇଁ ଭାରତ ସରକାର କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ୍, ୨୦୦୦ ପ୍ରଣୟନ କରିଛନ୍ତି। ଏଥିରେ ଶିଶୁମାନଙ୍କର ବୟସ ସୀମା ୦ – ୧୮ ବର୍ଷ ଦର୍ଶାଯାଇଛି। ଏହି ଆଇନଅନୁସାରେ କୌଣସି କିଶୋର କିମ୍ବା ଶିଶୁକୁ ଯେକେହି ବିପଦ ସଂକୁଳ କାର୍ଯ୍ୟରେ ନିଯୋଜିତ କରନ୍ତି ଏବଂ ତାର ପାରିଶ୍ରମିକ ଅର୍ଥକୁ ଅଟକ ରଖନ୍ତି କିମ୍ବା ତାର ଉପାର୍ଜିତ ଧନକୁ ନିଜ ପାଇଁ ବିନିଯୋଗ କରନ୍ତି ତେବେ ନିଯୁକ୍ତିକାରୀଙ୍କୁ ଜୋରିମାନା ସହିତ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ଯାହାକି ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇପାରିବେ।

ଯେଉଁ ବୟସ ଶିଶୁମାନଙ୍କର ବିକଶିତ ହେବାର ସମୟ, ଏହି ବୟସରେ ସେମାନଙ୍କୁ ପଢିବା, ଲେଖିବା, ଖେଳିବା ଅଧିକାରରୁ ବଞ୍ଚିତ କରନ୍ତୁ ନାହିଁ। ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ହେଉ ଶିଶୁଶ୍ରମିକ ନିଯୁକ୍ତି କିମ୍ବା ଶିଶୁଶ୍ରମକୁ ପ୍ରୋତ୍ସାହନ କରନ୍ତୁ ନାହିଁ, ଯେହେତୁ ଏହା ଏକ ଦଣ୍ଡନୀୟ ଅପରାଧ ତଥା ସାମାଜିକ ବ୍ୟାଧି ଅଟେ। ବିପଦ ସଂକୁଳ କ୍ଷେତ୍ରରେ ଶିଶୁଶ୍ରମିକଙ୍କୁ ନିଯୁକ୍ତି କରାଯିବାର କିମ୍ବା ଶିଶୁଶ୍ରମିକ ନିର୍ଯ୍ୟାତନାର କୌଣସି ସୂଚନା ପାଇଲେ ନିକଟସ୍ଥ ପୋଲିସ୍, ଶ୍ରମ କାର୍ଯ୍ୟାଳୟ, ଜିଲ୍ଲାପାଳ, ଚାଇଲଡ୍ ଲାଇନ୍ (୧୦୯୮), ଜିଲ୍ଲା ଶିଶୁମଙ୍ଗଳ କମିଟି (ଉଡଉ) ର ଦୃଷ୍ଟି ଆକର୍ଷଣ କରନ୍ତୁ।

# ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି

ରାଜ୍ୟର ଗରିବ ଜାନସାଧାରଣଙ୍କ ଚିକିତ୍ସା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ

- ରାଜ୍ୟର ଗରିବ ଶ୍ରେଣୀର ଲୋକଙ୍କୁ ପ୍ରମୁଖ ଜୀବନ ବିନାଶକାରୀ ଓ ମାରାତ୍ମକ ରୋଗର ଚିକିତ୍ସା ପାଇଁ 'ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି' ରୁ ସର୍ବାଧିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏକକାଳୀନ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଅଛି।
- ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ଆବଶ୍ୟକ ପଡ଼ିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କର ମଞ୍ଜୁର କ୍ରମେ ପ୍ରଦାନ କରାଯାଇ ପାରିବ।
- ବି.ପି.ଏଲ୍. ପରିବାର ସମେତ ଗ୍ରାମାଞ୍ଚଳରେ ୪୦,୦୦୦ ଟଙ୍କା ଓ ସହରାଞ୍ଚଳରେ ୬୦,୦୦୦ ଟଙ୍କାରୁ କମ୍ ବାର୍ଷିକ ଆୟ ଥିବା ପରିବାରର ସଦସ୍ୟମାନେ ଏହି ସହାୟତା ପାଇପାରିବେ।
- ଦୁର୍ଘଟଣାଗ୍ରସ୍ତ ଅଜଣା ବ୍ୟକ୍ତି, ରେଜିଷ୍ଟ୍ରିଭୁକ୍ତ ନିରାଶ୍ରୟ ଆଶ୍ରୟସ୍ଥଳୀ/ ଅନାଥାଶ୍ରମ/ ପାଗଳାଗାରଦ/ ରୁ ସୁପାରିଶ କରାଯାଇଥିବା ରୋଗୀ ମଧ୍ୟ ଏହି ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।
- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ଼ ଥିବା ବ୍ୟକ୍ତିବିଶେଷ ମଧ୍ୟ ଏହି ସୁବିଧା ପାଇବେ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ନିର୍ଦ୍ଧାରିତ ସହାୟତା ଅର୍ଥରୁ ଆବଶ୍ୟକ ହେଉଥିବା ଅଧିକ ଚିକିତ୍ସା ଖର୍ଚ୍ଚ ଏହି ପାଣ୍ଠିରୁ ଭରଣା କରାଯିବ।
- ଏହି ଚିକିତ୍ସା ସହାୟତା ରାଜ୍ୟର ସମସ୍ତ ସରକାରୀ ଡ଼ାକ୍ତରଖାନା, କଟକ, ବ୍ରହ୍ମପୁର ଓ ବୁର୍ଲାଠାରେ ଅବସ୍ଥିତ ମେଡ଼ିକାଲ କଲେଜ ଓ ହସ୍ପିଟାଲ୍, ଶିଶୁଭବନ, କଟକ ଏବଂ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା କେନ୍ଦ୍ର, କଟକର ଅନ୍ତଃବିଭାଗରେ ଚିକିତ୍ସିତ ହେଉଥିଲେ ମିଳିପାରିବ।
- କର୍କଟ ରୋଗରେ ଆକ୍ରାନ୍ତ ରୋଗୀ ଅନ୍ତଃବିଭାଗରେ ଚିକିତ୍ସିତ ନହୋଇ ଡ଼େ କେୟାର ସେଣ୍ଟରରେ କେମୋଥେରାପି ନେଉଥିଲେ ମଧ୍ୟ ଏହି ସହାୟତା ପାଇପାରିବେ।
- ସରକାରୀ ଚିକିତ୍ସାଳୟରେ କିଡ଼୍‌ନୀ ପ୍ରତିରୋପଣ କରିଥିବା ଗରିବ ରୋଗୀ ଚିକିତ୍ସାଳୟ ଛାଡ଼ିବାର ଛଅ ମାସ ପର୍ଯ୍ୟନ୍ତ ଆବଶ୍ୟକ ହେଉଥିବା ସମସ୍ତ ଔଷଧ ଓ ଅନୁସନ୍ଧାନ ସୁବିଧା ମାଗଣାରେ ପାଇପାରିବେ।
- ଗରିବ ରୋଗୀମାନଙ୍କୁ ଆବଶ୍ୟକସ୍ଥଳେ ଉଚ୍ଚମାନର ଚିକିତ୍ସା ଯୋଗାଇ ଦେବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ୨୦ଟି ଉନ୍ନତମାନର ଘରୋଇ ଚିକିତ୍ସାଳୟ ସହ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଅଛି।
- ଏହି ବୁଝାମଣା ପତ୍ର ବଳରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନାଗିରି ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ବିଶାଖାପାଟଣାସ୍ଥିତ ଅନୁବନ୍ଧିତ ହସ୍ପିଟାଲ, ନୁଆପଡ଼ା କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ରାୟପୁରସ୍ଥିତ ଅନୁବନ୍ଧିତ ଘରୋଇ ହସ୍ପିଟାଲକୁ ରୋଗୀଙ୍କୁ ସିଧାସଳଖ ଅନୁମୋଦନ କରିପାରିବେ। ଏହାଦ୍ୱାରା କେବିକେ ଜିଲ୍ଲାରେ ବାସ କରୁଥିବା ଗରିବ ଲୋକମାନେ ବିଶାଖାପାଟଣା ଓ ରାୟପୁରସ୍ଥିତ ଘରୋଇ ହସ୍ପିଟାଲରେ ଉଚ୍ଚମାନର ଚିକିତ୍ସା ସୁବିଧା ପାଇପାରିବେ।
- ସେହିଭଳି ୩ଟି ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଯେ କୌଣସି ଅନୁବନ୍ଧିତ ଘରୋଇ ଚିକିତ୍ସାଳୟକୁ ଅଧିକ ଚିକିତ୍ସାପାଇଁ ରୋଗୀଙ୍କୁ ପଠାଇ ପାରିବେ।
- ଏହି ସହାୟତା ପାଇଁ ଆବେଦନ ଫର୍ମ ସମସ୍ତ ସରକାରୀ ହସ୍ପିଟାଲ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଲବ୍ଧ।
- ଚିକିତ୍ସା ସହାୟତା ପାଇଁ ଆବେଦନ ଫର୍ମ ପୂରଣ କରି ବି.ପି.ଏଲ୍./ ଅନ୍ନପୂର୍ଣ୍ଣା, ଅନ୍ତ୍ୟୋଦୟ କାର୍ଡ଼ ଅଥବା ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ବାର୍ଷିକ ଆୟ ପ୍ରମାଣପତ୍ରର ନକଲ ସଂଲଗ୍ନ କରି ଚିକିତ୍ସିତ ହେଉଥିବା ସରକାରୀ ଡ଼ାକ୍ତରଖାନାର ଅଧିକ୍ଷକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ।
- ସମସ୍ତ ସରକାରୀ ଚିକିତ୍ସାଳୟରେ ଗରିବ ରୋଗୀଙ୍କ ସହାୟତା ପାଇଁ ହେଲ୍ପ ଡ଼େସ୍କ କାର୍ଯ୍ୟ କରୁଅଛି।

ରାଜ୍ୟ ବାହାରେ ଅନୁବନ୍ଧିତ ଘରୋଇ ଚିକିତ୍ସାଳୟର ତାଲିକା

- ଏସକର୍ଟସ ହାର୍ଟ ସେଣ୍ଟର, ରାୟପୁର, ଛତିଶଗଡ଼
- ନାରାୟଣ ହୃଦୟାଳୟ ହସ୍ପିଟାଲ, ରାୟପୁର, ଛତିଶଗଡ଼
- ରାମକ୍ରିଷ୍ଣା କେୟାର ହସ୍ପିଟାଲ, ରାୟପୁର, ଛତିଶଗଡ଼
- କେୟାର ହସ୍ପିଟାଲ, ବିଶାଖାପାଟଣା
- ଆପୋଲୋ ହସ୍ପିଟାଲ, ବିଶାଖାପାଟଣା
- ସେଭେନ୍ ହିଲ୍ସ ହସ୍ପିଟାଲ, ବିଶାଖାପାଟଣା

# ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ (ଆଇ. ସି. ଡ଼ି. ଏସ୍.)

ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ (ଆଇ. ସି. ଡ଼ି. ଏସ୍.) ୬ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା, ପ୍ରସୂତୀ ମହିଳା ଓ କିଶୋରୀ ବାଳିକାମାନଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ କରେ । ଏହି ଯୋଜନା ଜରିଆରେ ସେମାନଙ୍କୁ ପରିପୂରକ ଖାଦ୍ୟ ଯୋଗାଣ, ସ୍ୱାସ୍ଥ୍ୟସେବା ଓ ପ୍ରାକ୍ - ବିଦ୍ୟାଳୟ ଶିକ୍ଷା ଆଦି ସମନ୍ୱିତ ସେବା ପ୍ରଦାନ କରାଯାଇଥାଏ ।

**ପୃଷ୍ଠଭୂମି**

୧୯୭୫ ମସିହାରୁ ଆମ ଦେଶରେ ୦ରୁ ୬ବର୍ଷ ବୟସର ଶିଶୁମାନଙ୍କର ବିକାଶ ସହିତ ଶିଶୁ ମୃତ୍ୟୁହାର ରୋକିବା ପାଇଁ "ସମନ୍ୱିତ ଶିଶୁ ବିକାଶ ସେବା" କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଅଛି । ଏହା ସହିତ କିଶୋରୀ ଓ ପ୍ରସୂତି ମହିଳାମାନଙ୍କୁ ପୁଷ୍ଟିସାରଯୁକ୍ତ ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ମଧ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ୧୯୭୫ ମସିହା ଅକ୍ଟୋବର ୨ ତାରିଖରୁ ପ୍ରାଥମିକ ପର୍ଯ୍ୟାୟରେ କେତେଗୁଡ଼ିଏ ଅନୁନ୍ନତ ବ୍ଲକ୍‌ରେରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ନବମ ପଞ୍ଚବାର୍ଷିକ ଯୋଜନା (୧୯୯୭ - ୨୦୦୨) ବେଳକୁ କେନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମରେ ୫୬୫୨ଟି ବ୍ଲକ୍‌କୁ ସାମିଲ କରିସାରିଥିଲେ । ଦଶମ ପଞ୍ଚବାର୍ଷିକ ଯୋଜନା (୨୦୦୨-୨୦୦୭)ରେ ଅର୍ଥାଭାବ ଯୋଗୁଁ କେନ୍ଦ୍ର ସରକାର ଏହି ଯୋଜନାକୁ ଅଧିକ ବ୍ଲକ୍‌ରେ କାର୍ଯ୍ୟକାରୀ ନକରିବାକୁ ନିଷ୍ପତ୍ତି ନେଲେ । କିନ୍ତୁ ସୁପ୍ରିମ୍ କୋର୍ଟ ବାରମ୍ବାର ଆଦେଶନାମା ଜାରି କରିବା ପରେ କେନ୍ଦ୍ର ସରକାର ୨୦୦୫ରୁ ୨୦୦୭ ଦୁଇବର୍ଷ ମଧରେ ଏହି କାର୍ଯ୍ୟକ୍ରମରେ ଆଉ ୬୩୨ଟି ବ୍ଲକ୍‌କୁ ଅନ୍ତର୍ଭୁକ୍ତ କରାଇଲେ । ଫଳରେ ମୋଟ କାର୍ଯ୍ୟକ୍ରମଭୁକ୍ତ ବ୍ଲକ୍ ସଂଖ୍ୟା ୬୨୮୪ରେ ପହଞ୍ଚିଛି ।

- ସମନ୍ୱିତ ଶିଶୁ ବିକାଶ ଯୋଜନା ୬ବର୍ଷ ବୟସରୁ କମ୍ ଶିଶୁମାନଙ୍କର ପୁଷ୍ଟିହୀନତାର ନିରାକରଣ, ଶିଶୁମାନଙ୍କର ମାନସିକ, ଶାରୀରିକ ଓ ସାମାଜିକ ବିକାଶର ମୂଳଦୂଆକୁ ସୁଦୃଢ଼ କରିବା ପାଇଁ ୧୯୭୫ ମସିହାରୁ ଆରମ୍ଭ କରାଯାଇଛି;
- ଶିଶୁ ମୃତ୍ୟୁ, ଜୀବନ ଘାତକ ରୋଗ, ଅଧାରୁ ପାଠ ଛାଡ଼ିବା ପ୍ରବୃତ୍ତିକୁ କମ୍ କରିବା;
- ୦ – ୬ ବର୍ଷ ବୟସର ଶିଶୁ, ଗର୍ଭବତୀ ମହିଳା, ପ୍ରସୂତୀ ମହିଳା ଏବଂ କିଶୋରୀ ବାଳିକା ଏହି ଯୋଜନାର ହିତାଧିକାରୀ ଅଟନ୍ତି;

୨. ପ୍ରକଳ୍ପର ସ୍ଥିରୀକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ

- ୬ବର୍ଷରୁ କମ୍ ପିଲାଙ୍କର ପୁଷ୍ଟି ଓ ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି;
- ଗୋଟିଏ ପିଲାର ମନସ୍ତାତ୍ତ୍ୱିକ, ଶାରୀରିକ ଓ ସାମାଜିକ ବିକାଶ ପାଇଁ ମୂଳଦୁଆ ପକାଇବା;
- ଶିଶୁ ମୃତ୍ୟୁହାର, ମୃତ୍ୟୁ ସମ୍ଭାବନା, ପୁଷ୍ଟିହୀନତା ଓ ଅଧାରୁ ସ୍କୁଲ ପାଠପଢ଼ା ଛାଡ଼ିଦେବାର ହାର କମାଇବା;
- ଏକ କାର୍ଯ୍ୟକ୍ଷମ ନୀତି ସଂଯୋଜନା ଓ ଶିଶୁ ବିକାଶକୁ ପ୍ରୋତ୍ସାହନ ଓ ସମେତ ସମସ୍ତ ବିଭାଗରେ କାର୍ଯ୍ୟକ୍ରମର ଲକ୍ଷ୍ୟ ହାସଲ;
- ଉଚିତ ଗୋଷ୍ଠିଶିକ୍ଷା ମାଧ୍ୟମରେ ଶିଶୁର ସାଧାରଣ ସ୍ୱାସ୍ଥ୍ୟ, ପୁଷ୍ଟି ଓ ବିକାଶ ପାଇଁ ଆବଶ୍ୟକତାଗୁଡ଼ିକୁ ଯତ୍ନ ଦେବାକୁ ପ୍ରତ୍ୟେକ ମା'ର ଦକ୍ଷତା ବୃଦ୍ଧି କରିବା ।

**ସେବାସମୂହ -**

ଏହି ଯୋଜନା ୬ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଓ ପ୍ରସୁତୀ ମା'ମାନଙ୍କୁ ୬ ଗୋଟି ସେବା ଯୋଗାଇ ଦିଆଯାଇଥାଏ । ଏଗୁଡ଼ିକ ହେଲା:-

(୧) ପରିପୂରକ ପୁଷ୍ଟି

(୨) ପ୍ରତିଷେଧକ ବ୍ୟବସ୍ଥା

(୩) ସ୍ୱାସ୍ଥ୍ୟ ପରୀକ୍ଷା

(୪) ପରାମର୍ଶ ସେବା

(୫) ସ୍ୱାସ୍ଥ୍ୟ ଓ ପୃଷ୍ଟି ସମ୍ବନ୍ଧୀୟ ଶିକ୍ଷା

(୬) ଅଣଆନୁଷ୍ଠାନିକ ପ୍ରାକ୍ ବିଦ୍ୟାଳୟ ଶିକ୍ଷା

# ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମ (ଆ. ସି. ଡ଼ି. ଏସ୍)

ମାନ୍ୟବର ସୁପ୍ରମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର ସମସ୍ତ ଖାଦ୍ୟ କାର୍ଯ୍ୟକ୍ରମ ଯଥା ପୁଷ୍ଟିକର ଭୋଜନ, ଜରୁରୀକାଳୀନ ଭୋଜନରେ ବିକେନ୍ଦ୍ରୀକରଣ ପ୍ରକ୍ରିୟା ଏକ ମାର୍ଗଦର୍ଶିକା ମାଧ୍ୟମରେ ୧ ଏପ୍ରିଲ୍ ୨୦୧୧ ମସିହାରୁ କାର୍ଯ୍ୟକାରୀ କରୁଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା (WCD – ICDS (NTN – SNP)–MISR – 0002 – 2013, Dated: ୨୮.୦୬.୨୦୧୩) ଅନୁଯାୟୀ ପୂର୍ବପ୍ରଚଳିତ ମାର୍ଗଦର୍ଶିକାରେ ନିମ୍ନଲିଖିତ ସଂଶୋଧନ କରାଯାଇ ୧ ଜୁଲାଇ ୨୦୧୩ ଦିନଠାରୁ କାର୍ଯ୍ୟକାରି କରିବାପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

**୧. ରାସନ ଖର୍ଚ୍ଚ (ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମ - SNP)**

| ହିତାଧିକାରୀ | ଦୈନିକ ପ୍ରତି ହିତାଧିକାରୀ (ପୂର୍ବ ମାନକ)(ଟଙ୍କାରେ) | ଦୈନିକ ପ୍ରତି ହିତାଧିକାରୀ (ସଂଶୋଧିତ ମାନକ)(ଟଙ୍କାରେ) |
|---|---|---|
| ଶିଶୁ (୬ ମାସରୁ ୬ ବର୍ଷ) | ୪.୦୦ | ୬.୦୦ |
| ଅତି ପୁଷ୍ଟିହୀନ ଶିଶୁ (୬ ମାସରୁ ୬ ବର୍ଷ) | ୬.୦୦ | ୯.୦୦ |
| ଗର୍ଭବତୀ ମହିଳା ଓ ପ୍ରସୂତୀ ମା | ୫.୦୦ | ୭.୦୦ |

(ଶିଶୁ ପାଇଁ ଥିବା ଦୈନିକ ମୂଲ୍ୟରେ ଜଳଖିଆ, ଚାଉଳର ଦାମ, ପରିବହନ, ଜାଳେଣି ଓ ମସଲାମସଲୀ ଖର୍ଚ୍ଚ ଅନ୍ତର୍ଭୁକ୍ତ)

**୨. ସକାଳ ଜଳଖିଆ ନିମନ୍ତେ ସାପ୍ତାହିକ ସୂଚୀ (୩ – ୬ ବର୍ଷର ଶିଶୁ ପାଇଁ)**

| ଦିନର ନାମ | ଜଳଖିଆ |
|---|---|
| ସୋମବାର ଓ ଗୁରୁବାର | ଗଜାମୁଗ (୨୦ ଗ୍ରାମ୍ ଓ ଚିନିରେ ପ୍ରସ୍ତୁତ) |
| ମଙ୍ଗଳବାର, ବୁଧବାର, ଶୁକ୍ରବାର ଓ ଶନିବାର | ଚୁଡ଼ା ଲଡୁ (୪୦ ଗ୍ରାମ୍ ଚୁଡ଼ା ଓ ଚିନି/ ଗୁଡ଼ରେ ପ୍ରସ୍ତୁତ) |

ଏତଦ୍ ବ୍ୟତିତ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଋତୁକାଳୀନ ପାଚିଲା ଫଳ ମଧ୍ୟ ଜଳଖିଆରେ ଦିଆଯାଇପାରିବ ।

୩. ଗରମ ରନ୍ଧା ଖାଦ୍ୟ ନିମନ୍ତେ ସାପ୍ତାହିକ ସୂଚୀ (୩ – ୬ ବର୍ଷର ଶିଶୁ ପାଇଁ)

| ଦିନର ନାମ | ଖାଦ୍ୟ ସୂଚୀ | | ଖାଦ୍ୟର ଉପାଦାନ |
|---|---|---|---|
| ସୋମବାର ଓ ଗୁରୁବାର | ଭାତ ଓ ଡ଼ାଲମା | ୮୦ ଗ୍ରାମ ଚାଉଳରେ ପ୍ରସ୍ତୁତ ଭାତ | ୩୦ ଗ୍ରାମ ଡ଼ାଲି, ୩ ଗ୍ରାମ ତେଲ, ୫୦ ଗ୍ରାମ ଆଳୁ ଓ ଅନ୍ୟାନ୍ୟ ପନିପରିବା ଓ ୨୦ ଗ୍ରାମ ସଜନା ଶାଗରେ ପ୍ରସ୍ତୁତ ଡ଼ାଲମା |
| ମଙ୍ଗଳବାର | ଭାତ ଓ ସୋୟାବଡ଼ି ତରକାରୀ | ୮୦ ଗ୍ରାମ ଚାଉଳରେ ପ୍ରସ୍ତୁତ ଭାତ | ୨୫ ଗ୍ରାମ ସୋୟାବଡ଼ି, ୩ ଗ୍ରାମ ତେଲ, ୫୦ ଗ୍ରାମ ଆଳୁ ଓ ଅନ୍ୟାନ୍ୟ ପନିପରିବାରେ ପ୍ରସ୍ତୁତ ଆଳୁ ସୋୟାବଡ଼ି ତରକାରୀ |
| ବୁଧବାର, ଶୁକ୍ରବାର ଓ ଶନିବାର | ଭାତ ଓ ଅଣ୍ଡା ତରକାରୀ | ୮୦ ଗ୍ରାମ ଚାଉଳରେ ପ୍ରସ୍ତୁତ ଭାତ | ୧ ଟି ଅଣ୍ଡା, ୩ ଗ୍ରାମ ତେଲ, ୫୦ ଗ୍ରାମ ଆଳୁ ଓ ପିଆଜରେ ପ୍ରସ୍ତୁତ ଅଣ୍ଡା ତରକାରୀ |

୪. ପରିବହନ, ଜାଳେଣି ଓ ମସଲାମସଲୀ ଖର୍ଚ୍ଚ ବିବରଣୀ

| ଦୈନିକ ପ୍ରତି ହିତାଧିକାରୀ ଆଧାରରେ | ପ୍ରାକ୍ ବିଦ୍ୟାଳୟ (ଦୈନିକ ପ୍ରତି ହିତାଧିକାରୀ) (ଟଙ୍କାରେ) | | ଜରୁରୀକାଳୀନ ଖାଦ୍ୟ (ଦୈନିକ ପ୍ରତି ହିତାଧିକାରୀ) (ଟଙ୍କାରେ) | |
|---|---|---|---|---|
| | ପୂର୍ବ ମାନକ | ସଂଶୋଧିତ ମାନକ | ପୂର୍ବ ମାନକ | ସଂଶୋଧିତ ମାନକ |
| ମସଲାମସଲୀ ଓ ୨ ଗ୍ରାମ୍ ଆୟୋଡ଼ିନ୍ ଲୁଣ | ୦.୧୨ | ୦.୧୬ | ୦.୪୦ | ୦.୨୦ |
| ଜାଳେଣି | ୦.୨୦ | ୦.୩୦ | ୦.୩୦ | ୦.୩୦ |
| ପରିବହନ ଖର୍ଚ୍ଚ | ୦.୦୨ | ୦.୦୬ | ୦.୦୨ | ୦.୧୯ |

(ଏଫ୍.ସି.ଆଇ ଗୋଦାମରୁ ଅଙ୍ଗନୱାଡ଼ି କେନ୍ଦ୍ର ପର୍ଯ୍ୟନ୍ତ)

ଟ୍ରାନ୍ସପୋର୍ଟ ଏଜେଣ୍ଟ ମାଧ୍ୟମରେ ପ୍ରତ୍ୟେକ ମାସର ଏକ ନିର୍ଦ୍ଦିଷ୍ଟ ତାରିଖ ଓ ପଥରେ, ଏଫ୍.ସି.ଆଇ. ଗୋଦାମରୁ ଉତ୍ତମ ଗୁଣବତ୍ତା ଚାଉଳ ଆସି ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚିବ । ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଗୋଟିଏ ମାସର ଆବଶ୍ୟକ ପରିମାଣ (ତା ଠାରୁ କଦାପି ଅଧିକ ନୁହେଁ) ମାତୃ କମିଟି/ ଯାଞ୍ଚ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଟ୍ରାନ୍ସପୋର୍ଟ ଏଜେଣ୍ଟ ନିଜେ ଆଣିଥିବା ଓଜନମେସିନରେ ଓଜନ କରି ଚାଉଳ ହସ୍ତାନ୍ତର କରିବେ ।

୫. ଘରକୁ ନେବା ଶୁଖିଲା ଖାଦ୍ୟ (ଛତୁଆ ଓ ଅଣ୍ଡା)

| ହିତାଧିକାରୀ | ଅଣ୍ଡା ଓ ରାଶି ଲଡୁ (ଦୈନିକ ଗ୍ରାମରେ) | ପ୍ରାପ୍ୟ (୧୫ ଦିନ) | ମୋଟ୍ ପରିମାଣ | ବଳକା ଛତୁଆ (୧୫% ପ୍ରସ୍ତୁତି କ୍ଷତି ପରିମାଣ ବାଦ୍ ପରେ ) (ପାକେଟର ରଙ୍ଗ) | ମୂଲ୍ୟ (ଟଙ୍କାରେ) |
|---|---|---|---|---|---|
| ସାଧାରଣ ଶିଶୁ (୬ ମାସରୁ ୩ ବର୍ଷ) | ସପ୍ତାହକୁ ଗୋଟିଏ ସିଝା ଅଣ୍ଡା | ୧୬୦ | ୨ କେଜି | ୧.୭୫ କେଜି (ଆକାଶି ନୀଳ) | ୭ |
| ଅତି ପୁଷ୍ଟିହୀନ ଶିଶୁ (୬ ମାସରୁ ୩ ବର୍ଷ) | ସପ୍ତାହକୁ ଦୁଇଟି ସିଝା ଅଣ୍ଡା | ୨୪୦ | ୩ କେଜି | ୨.୫୫୦ କେଜି (ନାଲି ରଙ୍ଗ) | ୯ |
| ଗର୍ଭବତୀ ମହିଳା ଓ ପ୍ରସୂତୀ ମା | ସପ୍ତାହକୁ ଦୁଇଟି ସିଝା ଅଣ୍ଡା | ୨୦୦ | ୨.୫ କେଜି | ୨.୧୨୫ କେଜି (ହଳଦିଆ ରଙ୍ଗ) | ୭ |
| ଅତି ପୁଷ୍ଟିହୀନ ଶିଶୁ (୩ - ୬ ବର୍ଷ) | ମାସକୁ ୧୦୦ ଗ୍ରାମ୍ ବିଶିଷ୍ଟ ଗୋଟିଏ ପ୍ୟାକେଟ ରାଶି ଲଡୁ | ୮୦ | ୨ କେଜି (ମାସକୁ) | ୧.୭୫୦ କେଜି (ନାଲି ରଙ୍ଗ) | ୩ |

୬. ଅଣ୍ଡା ବଣ୍ଟନର ବ୍ୟବସ୍ଥା

| | |
|---|---|
| ସାଧାରଣ ଶିଶୁ (୬ ମାସରୁ ୩ ବର୍ଷ) | ଗୋଟିଏ ସିଝା ଅଣ୍ଡା ପ୍ରତ୍ୟେକ ବୁଧବାର ଦିନ ଅଙ୍ଗନୱାଡ଼ି କେନ୍ଦ୍ରରେ ଖାଇବା ପାଇଁ ଦିଆଯିବା, ଯଦି ସେ କୌଣସି ଅନିବାର୍ଯ୍ୟ କାରଣରୁ ଆସିନପାରିଲେ ଗୋଟିଏ କଞ୍ଚା ଅଣ୍ଡା ଘରକୁ ନେବା ପାଇଁ ଦିଆଯିବ । |
| ଅତି ପୁଷ୍ଟିହୀନ ଶିଶୁ (୬ ମାସରୁ ୩ ବର୍ଷ) ଗର୍ଭବତୀ ମହିଳା ଓ ପ୍ରସୂତୀ ମା | ସପ୍ତାହକୁ ଦୁଇଟି ସିଝା ଅଣ୍ଡା ଦିଆଯିବ, ଗୋଟିଏ ସିଝା ଅଣ୍ଡା ବୁଧବାର ଓ ଅନ୍ୟଟି ଶନିବାର ଦିନ ଅଙ୍ଗନୱାଡ଼ି କେନ୍ଦ୍ରରେ ଖାଇବା ପାଇଁ ଦିଆଯିବ, ଯଦି ସେ କୈଣସି ଅନିବାର୍ଯ୍ୟ କାରଣରୁ ଆସିନପାରିଲେ ସପ୍ତାହକୁ ଦୁଇଟି କଞ୍ଚା ଅଣ୍ଡା ଘରକୁ ନେବା ପାଇଁ ଦିଆଯିବ । |

୭. ଛତୁଆ ପ୍ରସ୍ତୁତ ଖର୍ଚ୍ଚ ବିବରଣୀ

ଅଙ୍ଗନୱାଡ଼ି କେନ୍ଦ୍ରକୁ ଗରମ ରନ୍ଧାଖାଦ୍ୟ ପାଇଁ ଆସୁଥିବା ଚାଉଳ ସମାନ ପ୍ରକ୍ରିୟାରେ ଛତୁଆ ପ୍ରସ୍ତୁତ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ/ ମହାସଂଘଙ୍କ ନିକଟକୁ ଗହମ ପ୍ରତ୍ୟେକ ମାସର ଏକ ନିର୍ଦ୍ଦିଷ୍ଟ ତାରିଖ ଓ ପଥରେ ଏଫ୍.ସି.ଆଇ. ଗୋଦାମରୁ ପହଞ୍ଚିବ । ସେମାନେ ମଧ୍ୟ ଗୋଟିଏ ମାସର ଆବଶ୍ୟକ ପରିମାଣ (ତାଠାରୁ କଦାପି ଅଧିକ ନୁହେଁ) ସ୍ୱୟଂ ସହାୟକ ଗୋଷ୍ଠୀ/ମାତୃ କମିଟୀ/ ଯାଞ୍ଚ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଟ୍ରାନ୍ସପୋର୍ଟ ଏଜେଣ୍ଟ ଆଣିଥିବା ଓଜନମେସିନିରେ ଓଜନ କରି ରଖିବେ । ଏଥି ନିମନ୍ତେ ନିମ୍ନଲିଖିତ ତାଲିକା ଅନୁଯାୟୀ ମୂଲ୍ୟ ନିର୍ଦ୍ଧାରଣ ହୋଇଛି ।

| ଖର୍ଚ୍ଚ ବିବରଣୀ | ମୂଲ୍ୟ (ଟଙ୍କାରେ) |
|---|---|
| ଗହମ ପାଇଁ ପରିବହନ ଖର୍ଚ୍ଚ (ଏଫ୍.ସି.ଆଇ. ଗୋଦାମରୁ ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ର ପର୍ଯ୍ୟନ୍ତ) (ପ୍ରତି କ୍ୱିଣ୍ଟାଲ) | ୭୫.୦୦ |
| ତଦାରଖ ଖର୍ଚ୍ଚ (ଦୈନିକ ପ୍ରତି ହିତାଧିକାରୀ) | ୦.୧୦ |
| ପ୍ରସ୍ତୁତି ଖର୍ଚ୍ଚ (ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ରରୁ ଅଙ୍ଗନୱାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ଛତୁଆ ପରିବହନ ଖର୍ଚ୍ଚ ସହିତ) ଦୈନିକ ପ୍ରତି ହିତାଧିକାରୀ) | ୦.୨୧ |

୮. ଅଣ୍ଡା ସମ୍ବନ୍ଧୀୟ କେତେକ ନିହାତି ଜାଣିବା ତଥ୍ୟ

ଶିଶୁ ଓ ମହିଳାମାନଙ୍କ କୁପୋଷଣ ହଟାଇବା ପାଇଁ ସରକାରଙ୍କ ନୂତନ ପଦକ୍ଷେପସ୍ୱରୂପ ପରିପୂରକ ପୃଷ୍ଟି କାର୍ଯ୍ୟକ୍ରମରେ ଅଣ୍ଡା ବଣ୍ଟନକୁ ଗୁରୁତ୍ୱ ଦିଆଯାଇଛି ।

- ଅଣ୍ଡାର ଆକାର ସମାନ ଓ ମଧ୍ୟମ ଧରଣର ଓ ଆକୃତି ଦୀର୍ଘବୃତ୍ତାକାର (ଅଣ୍ଡାକୃତି) ହେବା ଉଚିତ୍ ।
- ଗୋଟିଏ ମାନକ ବା ଆଦର୍ଶ ଅଣ୍ଡାର ଓଜନ ୪୫ – ୫୯ ଗ୍ରାମ ଥାଏ ।
- ଅଣ୍ଡାର ରଙ୍ଗ ଚକ୍ ପରି ଧଳା ବା ମାଟିଆ ରଙ୍ଗ ହେବା ଉଚିତ୍ ।
- ଅଣ୍ଡା ଦେବାର ୨୮ – ୩୫ ଦିନ ପର୍ଯ୍ୟନ୍ତ ବ୍ୟବହାର ଉପଯୋଗୀ ଅଟେ ।
- ଅଣ୍ଡା ଖୋଳପା ଫାଟଶୂନ୍ୟ ଓ ସଫା ରହିବା ଉଚିତ୍ ।
- ଖରାପ ଅଣ୍ଡା ହାଲୁକା ଲାଗେ ଓ ସେଥିରୁ କଟୁ ଗନ୍ଧ ବାହାରେ ।

ଅଣ୍ଡା ଭଲ କି ଖରାପ ପରୀକ୍ଷା କରିବା ପାଇଁ ଅନେକ ପଦ୍ଧତି ଅନୁସରଣ କରାଯାଇପାରେ, ସେଥିମଧ୍ୟରୁ ନିମ୍ନ ପଦ୍ଧତି ବେଶ୍ ସରଳ ଓ ସହଜ।

- ଗୋଟିଏ ପାତ୍ରକୁ ପାଣିରେ ଭର୍ତ୍ତି କରାଯାଇ ଅଣ୍ଡାକୁ ସତର୍କତାର ସହିତ ସେଥିରେ ପକାଯାଉ ।
- ଯଦି ଅଣ୍ଡା ପାଣିରେ ସାଙ୍ଗେ ସାଙ୍ଗେ ବୁଡ଼ି ସବା ତଳେ ସମତଳ ଭାବରେ ରହିଲା, ତେବେ ତାହା ସତେଜ ଅଟେ ।
- ଯଦି ଅଣ୍ଡା ପାଣିରେ ବୁଡ଼ି ପତଳା ଅଶଂ ତଳମୁହାଁ ହୋଇ ତଳେ ଲାଗିଲା ଓ ମୋଟା ଅଶଂ ଜଳସ୍ତରର ଉପରିଭାଗ ପଟେ ଉପରମୁହାଁ ରହିଲା, ତେବେ ଅଣ୍ଡା ବ୍ୟବହାର ଯୋଗ୍ୟ ଅଟେ ।
- ଯଦି ଅଣ୍ଡା ପାଣିରେ ନ ବୁଡ଼ି ଜଳସ୍ତରର ଉପରିଭାଗରେ ଭାସିଲା, ତେବେ ତାହା ଓ ସତେଜ ନୁହେଁ ଓ ତାହା ପଚା ହୋଇଥାଇପାରେ, ଯାହାକୁ ବର୍ଜନ କରିବା ଉଚିତ୍ ।

ପୃଷ୍ଟି ଓ ସ୍ୱାସ୍ଥ୍ୟ ଶିକ୍ଷା

୧୫ ରୁ ୪୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ମହିଳାମାନଙ୍କୁ ପୃଷ୍ଟି ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜ୍ଞାନ ପ୍ରତି ମାସରେ ମମତା ଦିବସ ଦିନ ପ୍ରଦାନ କରାଯାଇଥାଏ।

- ସଚେତନତା ସୃଷ୍ଟି ପାଇଁ ଗଣମାଧ୍ୟମର ସହାୟତା ନିଆଯାଇପାରେ;
- ଉପଯୁକ୍ତ ବ୍ୟବଧାନରେ ସ୍ୱତନ୍ତ୍ର ଅଭିଯାନ ଜରିଆରେ;
- ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ଗୃହ ପରିଦର୍ଶନ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବୈଠକ ଆୟୋଜନ ଜରିଆରେ;

ସ୍ୱାସ୍ଥ୍ୟ:

୧.୧. ପ୍ରତିଷେଧକ ଟୀକାକରଣ

ଗର୍ଭବତୀ ମହିଳାମାନଙ୍କୁ ଅନ୍ତତଃ ୩ ଥର ଗର୍ଭ ସମୟରେ ଧନୁଷ୍ଟଙ୍କାର ରୋଗରୁ ରକ୍ଷା ପାଇବା ପାଇଁ ଟୀକାକରଣ କରିବା ସହ ଲୌହସାର ବଟିକା ଦିଆଯାଇଥାଏ । ଶିଶୁମାନଙ୍କୁ ମଧ୍ୟ ନିୟମିତ ବ୍ୟବଧାନରେ ୬ ଟି ମାରାତ୍ମକ ରୋଗରୁ ରକ୍ଷା ପାଇବା ପାଇଁ ଟୀକାକରଣ କରାଯାଇଥାଏ ଓ ଭିଟାମିନ୍ – ଏ ଯୋଗାଇ ଦିଆଯାଇଥାଏ ।

୧.୨. ସମୟୋଚିତ ଟୀକାଦାନର ସୂଚନା ଶିଶୁ ପାଇଁ

- ଶିଶୁର ଜନ୍ମ ଡ଼ାକ୍ତରଖାନା/ କ୍ଲିନିକ୍‌ରେ ହୋଇଥିଲେ ଜନ୍ମପରେ ବି.ସି.ଜି. ଟୀକା ଓ ପୋଲିଓ ‘୦’ ମାତ୍ରା ଦିଅନ୍ତୁ ।
- ଦେଢ଼ ମାସ ପରେ ବି.ସି.ଜି. (ଜନ୍ମ ସମୟରେ ନନେଇଥିଲେ) ଡ଼ି.ପି.ଟି. ୧ମ, ପୋଲିଓ – ୧ମ ଓ ହେପାଟାଇଟସ୍ ବି – ୧ମ
- ଅଢ଼େଇ ମାସ ପରେ ଡ଼ି.ପି.ଟି. – ୨ୟ, ପୋଲିଓ – ୨ୟ ଓ ହେପାଟାଇଟସ୍ ବି – ୨ୟ
- ସାଢ଼େ ତିନିମାସ ପରେ ଡ଼ି.ପି.ଟି. – ୩ୟ, ପୋଲିଓ – ୩ୟ ଓ ହେପାଟାଇଟସ୍ ବି – ୩ୟ
- ୯ ମାସ ପରେ ମିଳିମିଳା ଓ ଭିଟାମିନ୍ ଏ ୧ମ ପାନ
- ୧୬ – ୨୪ ମାସ ମଧ୍ୟମରେ ଡ଼ି.ପି.ଟି. ବୁଷ୍ଟର ଓ ପୋଲିଓ ବୁଷ୍ଟର
- ଭିଟାମିନ୍ – ଏ ପ୍ରଥମ ପାନ ନେବାର ପ୍ରତି ୬ ମାସ ବ୍ୟବଧାନରେ ୩ ବର୍ଷ ମଧ୍ୟରେ ଆଉ ୪ ପାନ ଖାଇବାକୁ ଦିଅନ୍ତୁ ।
- ଏତଦ୍ ବ୍ୟତୀତ ୫ ବର୍ଷରେ ଡ଼ି.ଟି., ୧୦ ବର୍ଷରେ ଟି.ଟି. ଓ ୧୬ ବର୍ଷରେ ଟି.ଟି. ନେବା ଆବଶ୍ୟକ ।
- କୌଣସି କାରଣରୁ ଆପଣ ଯଦି ନିର୍ଦ୍ଧାରିତ ସମୟରେ ଟୀକା ନେଇ ନଥାଆନ୍ତି ଏବେ ତାହା ନେଇ ଦିଅନ୍ତୁ । ଏହି ବିଷୟରେ ସ୍ୱାସ୍ଥ୍ୟ କର୍ମକର୍ତ୍ତାଙ୍କ ପରାମର୍ଶ ନିଅନ୍ତୁ ।

୧.୨.୧. ସମୟୋଚିତ ଟୀକାଦାନର ସୂଚନା ଗର୍ଭବତୀ ମହିଳାଙ୍କ ପାଇଁ

(କ) ଟିଟାନସ୍ ଟକ୍ସାଇଡ଼୍ ଟୀକା

- ପ୍ରଥମ ମାତ୍ରା ୧୬ – ୨୦ ସପ୍ତାହ ଭିତରେ
- ଦ୍ୱିତୀୟ ମାତ୍ରା ୨୦ – ୨୪ ସପ୍ତାହ

(ଖ) ଟିଟାନସ୍ ଟକ୍ସାଇଡ଼୍‌ର ଦୁଇଟି ମାତ୍ରା ଭିତରେ ସର୍ବନିମ୍ନ ବ୍ୟବଧାନ ୧ ମାସ ହେବା ଉଚିତ ।

(ଗ) ଟିଟାନସ୍‌ର ଦ୍ୱିତୀୟ ମାତ୍ରା ପିଲା ଜନ୍ମ ହେବାର ଧାର୍ଯ୍ୟ ତାରିଖର ଅତି କମ୍‌ରେ ଦୁଇ ସପ୍ତାହ ପୂର୍ବରୁ ନେବା ଉଚିତ ।

(ଘ) ତେବେଯାହାହେଉ, କୌଣସି ଗର୍ଭବତୀ ମହିଳା ଟିଟାନସ୍‌ର ମାତ୍ରା ନେବାକୁ ମନା କରିବା ଉଚିତ ନୁହେଁ ।

(ଙ) ପୂର୍ବ ଗର୍ଭ ସମୟର ଟିଟାନସ୍‌ର ମାତ୍ରା ଠିକ୍ ଭାବରେ ନେଇଥିଲେ, ଏହି ଗର୍ଭପାଇଁ ଗୋଟିଏ ବୁଷ୍ଟର ମାତ୍ରା ଯଥେଷ୍ଟ ।

- ଜଣେ ଶିଶୁ ଯଥା ସମୟରେ ସମସ୍ତ ଟୀକା ନେବା ଉଚିତ । ଏହା ଦ୍ୱାରା ଶିଶୁ ଜଣକ ଧାର୍ଯ୍ୟ ରୋଗରୁ ମୁକ୍ତ ରହିବ । ଏ ସମସ୍ତ ଟୀକା ନନେଲେ ଜଣେ ଶିଶୁ ହୁଏତ ଅସୁସ୍ଥତା/ ଭିନ୍ନକ୍ଷମ/ ଅପପୁଷ୍ଟିର ଶିକାର ହୋଇପାରେ କିମ୍ବା ମୃତ୍ୟୁ ମୁଖରେ ପଡ଼ିପାରେ।
- ଧନୁଷ୍ଟଙ୍କାର ରୋଗରୁ ମୁକ୍ତ ରହିବା ପାଇଁ ଜଣେ ଗର୍ଭବତୀ ମହିଳା ଗର୍ଭଧାରଣ ସମୟରେ ଟିଟାନସ୍ ଟୀକା ନେବା ଉଚିତ୍।

ପ୍ରତ୍ୟେକ ଶିଶୁ ଉପର ବର୍ଣ୍ଣିତ ସମସ୍ତ ଟୀକା ନେବା ଉଚିତ।

- ଶିଶୁମାନଙ୍କୁ ଟୀକା ଦେବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରାଯାଇଥାଏ ।
- ସାମାନ୍ୟ ଅସୁସ୍ଥତା, ଭିନ୍ନକ୍ଷମ କିମ୍ବା ଅପପୁଷ୍ଟିର ଶିକାର ଶିଶୁମାନେ ଏସବୁ ଟୀକା ନେଇପାରିବେ ।
- ପଲସ୍ ପୋଲିଓ ଟୀକା କାର୍ଯ୍ୟକ୍ରମରେ ଓପିଭିର ଅତିରିକ୍ତ ମାତ୍ରା ୫ ବର୍ଷ ବୟସରୁ କମ୍ ସମସ୍ତ ଶିଶୁମାନଙ୍କୁ ଦିଆଯାଇଥାଏ।
- ଟୀକା ଦିଆଯିବାର ସୁବିଧା ଅଙ୍ଗନୱାଡ଼ି କେନ୍ଦ୍ର/ ସ୍ୱାସ୍ଥ୍ୟ ଉପକେନ୍ଦ୍ର/ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିନା ଦେୟରେ ମିଳେ ।
- ଡ଼ିପିଟି ଓ ପୋଲିଓର ମାତ୍ରାରେ ୪ – ୫ ମାସ ବିଳମ୍ବ ହେଲେ ସୁଦ୍ଧା ଅବଶିଷ୍ଟ ମାତ୍ରା ନେଇନେବା ଉଚିତ । ଯଦି ଏହା ନେବାରେ ଅତ୍ୟନ୍ତ ବିଳମ୍ବ ହୋଇଥାଏ, ତେବେ ସମସ୍ତ ଟୀକାର ମାତ୍ରା ପୁଣି ଥରେ ନେବା ଉଚିତ ।

ସ୍ୱାସ୍ଥ୍ୟ ପରିକ୍ଷା

ଗର୍ଭ ସମୟରେ ଗର୍ଭବତୀଙ୍କୁ ଅନ୍ତତଃ ପକ୍ଷେ ୩ଥର, ଜନ୍ମରୁ ୬ ବର୍ଷର ଶିଶୁମାନଙ୍କୁ ପ୍ରତି ମାସରେ ନିକଟବର୍ତ୍ତୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର, ପରାମର୍ଶସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ମାଗଣା ଚିକିତ୍ସା ଯୋଗାଇ ଦିଆଯାଇଥାଏ ।

- ସ୍ୱଗର୍ଭବତୀ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା;
- ସ୍ୱପ୍ରସୂତି ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା;
- ସ୍ୱ୬ବର୍ଷ ବୟସରୁ କମ୍ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା;

ଗର୍ଭବତୀ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା:

- ଗର୍ଭ ସମୟରେ ଅନ୍ତତଃ ପକ୍ଷେ ୩ ଥର କରାଯିବା ଉଚିତ ।
- ଟିଟାନସ୍‌ର ୨ଟି ମାତ୍ରା ନିଅନ୍ତୁ ।
- ୧୦୦ ଦିନର ଲୌହ ବଟିକା ସେବନ କରନ୍ତୁ ।
- ଅଙ୍ଗନୱାଡ଼ି କେନ୍ଦ୍ରରୁ ପରିପୂରକ ପୁଷ୍ଟି ଖାଦ୍ୟ ନିଅନ୍ତୁ ।
- ଚିକିତ୍ସାଳୟ କିମ୍ବା ତାଲିମ୍ ପ୍ରାପ୍ତ ଧାଇଙ୍କ ଜିରିଆରେ ପ୍ରସବ କରାନ୍ତୁ ।
- ଗର୍ଭ, ପ୍ରସବ ଓ ପ୍ରସବପର ସମୟରେ କିଭଳି ଯତ୍ନନେବାକୁ ହେବ ସେ ସମ୍ବନ୍ଧରେ ସୂଚନା ପ୍ରାପ୍ତ ହୁଅନ୍ତୁ ।
- ଗର୍ଭ ସମୟ ଓ ପିଲା ଜନ୍ମ ଓ ପରେ କିପରି ଯତ୍ନ, ଖାଦ୍ୟ ଗ୍ରହଣ ଓ ବିଶ୍ରାମ ନେବାକୁ ହେବ ସେ ସମ୍ବନ୍ଧରେ ଅଙ୍ଗନୱାଡ଼ି କର୍ମୀ ମହିଳାମାନଙ୍କୁ ପରାମର୍ଶ ଦେବା ଉଚିତ ।
- ଅଙ୍ଗନୱାଡ଼ି କର୍ମୀ ଗର୍ଭ ସମୟରେ ଟୀକାଦାନ କାର୍ଡ଼ ହେପାଜତରେ ରଖିବାକୁ ପରାମର୍ଶ ଦେବା ସହିତ ନିଜେ ରେକର୍ଡ଼ ରଖିବା ଉଚିତ ।
- ଅସୁବିଧା ଥିଲେ ସଙ୍ଗେ ସଙ୍ଗେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବାର ବ୍ୟବସ୍ଥା କରିବା ଉଚିତ ।

**ପ୍ରସୂତି ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା:**

**ଅଙ୍ଗନୱାଡ଼ି କର୍ମୀ**

- ପିଲା ଜନ୍ମ ହେବାର ୧୦ ଦିନ ଭିତରେ ଅନ୍ତତଃ ପକ୍ଷେ ଦୁଇଥର ପରିଦର୍ଶନ କରି ମା' ଓ ଶିଶୁର ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିବା ଉଚିତ
- ଜନ୍ମ ହେବା ପରେ ଶିଶୁର ଓଜନ ନେଇ ଓଜନ ବୃଦ୍ଧି ତାଲିକାରେ ରେକର୍ଡ଼ କରିବା ଉଚିତ ।
- ଶିଶୁ ଅସୁବିଧାରେ ଅଛି କି ନାହିଁ ପରୀକ୍ଷା କରିବା ଉଚିତ । ଯଦି ଶିଶୁଟି ଅସୁବିଧାଜନକ ସ୍ଥିତିରେ ଥାଏ ତେବେ ସଙ୍ଗେ ସଙ୍ଗେ ଏଏନ୍‌ଏମ୍ ଓ ମେଡ଼ିକାଲ ଅଫିସରଙ୍କୁ ସୂଚନା ଦେବେ ।
- ଶିଶୁକୁ କ୍ଷୀର ଖୁଆଇବା ଜାରି ରଖିବାକୁ ଶିଶୁର ମା'ଙ୍କୁ ପରାମର୍ଶ ଦେବେ ।
- ଜନ୍ମ ସମୟରେ ଶିଶୁଟି ବି.ସି.ଜି ଓ ୬ ସପ୍ତାହ ପରେ ନିର୍ଦ୍ଧାରିତ ଟୀକା ନେଇଛନ୍ତି ବୋଲି ସୁନିଶ୍ଚିତ କରିବା ।
- ବ୍ୟକ୍ତିଗତ ପରିବାର ତଥ୍ୟ ରଖିବା ।
- ପରିବାର ଜନ୍ମ ନିୟନ୍ତ୍ରଣ ପାଇଁ ମା'ମାନଙ୍କୁ ସଠିକ ପରାମର୍ଶ ଦେବା ।
- ପ୍ରସୂତି ମା' ଅଙ୍ଗନୱାଡ଼ି କେନ୍ଦ୍ରରେ ପଂଜିକୃତ ହୋଇ ପରିପୂରକ ପୁଷ୍ଟି ପାଉଛନ୍ତି ବୋଲି ସୁନିଶ୍ଚିତ କରିବେ ।

**୬ବର୍ଷ ବୟସରୁ କମ୍ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା:**

- ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ୩ ମାସରେ ଥରେ ହେଉଥିବାକୁ ସୁନିଶ୍ଚିତ କରିବା ।

- ଶିଶୁର ବୃଦ୍ଧି ସମ୍ବନ୍ଧରେ ନଜର ରଖିବା ।
- ଜୀବନ ପ୍ରତି ବିପଦ ଥିବା ଶିଶୁମାନଙ୍କର ସ୍ୱତନ୍ତ୍ର ଯତ୍ନ ଓ ତାହାର ଓଜନ ବୃଦ୍ଧି ସଂପର୍କରେ ନିୟମିତ ତଦାରଖ କରିବା ।
- ସମସ୍ତ ଶିଶୁ ସମସ୍ତ ଟୀକା ନେବା ସହିତ ଭିଟାମିନ୍ 'କ' ନେଇଥିବାକୁ ସୁନିଶ୍ଚିତ କରିବା ।
- ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷାର ରେକର୍ଡ଼ କରିବା ଉଚିତ ।
- ପ୍ରତି ମାସରେ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ଜନ୍ମରୁ ୬ ମାସର ଶିଶୁମାନଙ୍କୁ ଓଜନ କରିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଆବଶ୍ୟକୀୟ ଔଷଧର ବ୍ୟବସ୍ଥା କରାଯାଇଥାଏ ।

୨. ପରାମର୍ଶ ସେବା କାର୍ଯ୍ୟ

ଯେଉଁ ଶିଶୁ ଓ ମା'ମାନେ ପୁଷ୍ଟିହୀନତା କିମ୍ବା ହଠାତ୍ ଅତିରିକ୍ତ ମାତ୍ରାରେ ଅସୁସ୍ଥ ହୋଇପଡ଼ିବେ ଏବଂ ଭିନ୍ନକ୍ଷମ ଶିଶୁମାନଙ୍କୁ ତୁରନ୍ତ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନତ ଚିକିତ୍ସା ଓ ପରାମର୍ଶ ପାଇଁ ପଠାଯାଏ । ଗ୍ରେଡ଼ – ୩ ଓ ଗ୍ରେଡ଼ – ୪ର ଶିଶୁମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠି ଜରିଆରେ ଜଣେ ଶିଶୁ ପିଛା ଟ. ୫୦୦/- ପର୍ଯ୍ୟନ୍ତ ଔଷଧ, ଭିଟାମିନ୍ ଯୋଗାଇ ଦିଆଯାଇଥାଏ।


୩. ପ୍ରାକ୍ ବିଦ୍ୟାଳୟ ଶିକ୍ଷା:

ଅଙ୍ଗନୱାଡ଼ି କେନ୍ଦ୍ରରେ ୩ ରୁ ୬ ବର୍ଷ ସମୟରେ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ଗୀତ, ନାଚ, ଖେଳ, ଅଭିନୟ ଓ ଗଳ୍ପ କଥନ ମାଧ୍ୟମରେ ଏହି ଶିକ୍ଷା ଦିଆଯାଏ ।

ପ୍ରାକ୍ ବିଦ୍ୟାଳୟ ଶିକ୍ଷା ମାଧ୍ୟମରେ ଶିଶୁର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଶେଷ ଧ୍ୟାନ ଦିଆଯାଇଥାଏ ।

- ଏହା ଖେଳକୁଦ କରିବାର ପରିବେଶ, ବୌଦ୍ଧିକ, ଭାଷାଗତ, ସାମାଜିକ, ଭାବପ୍ରବଣତା ଏବଂ ସାରୀରିକ ବିକାଶ ପାଇଁ କ୍ଷେତ୍ର ଯୋଗାଇଥାଏ ।
- ପ୍ରାଥମିକ ସ୍ତରରୁ ଏହା ଶିଶୁମାନଙ୍କୁ ପ୍ରସ୍ତୁତ କରେ ।
- ଶିଶୁମାନଙ୍କର ପଢ଼ିବା, ଲେଖିବା ଓ ଗଣନ ଶିଖିବା ପାଇଁ ମୂଳଦୂଆ ପକାଇଥାଏ ।
- ପିଲାମାନଙ୍କ ଭିତରେ ନବସୃଜନ ସମସ୍ୟାର ସମାଧାନ, ଦଳରେ କ୍ରିୟାଶୀଳ ଭାବେ ଅଂଶଗ୍ରହଣ ଓ ପରିବେଶ ସହିତ ପରିଚିତ ହେବାକୁ ଉତ୍ସାହିତ କରିଥାଏ ।
- ଦକ୍ଷତା ବୃଦ୍ଧି, ପାଠ ପଢ଼ିବାର ମନୋଭାବ ଓ ଶିଶୁର ବିକାସ ପାଇଁ ଅଭିଜ୍ଞତା ଯୋଗାଇ ଥାଏ ।
- ଆତ୍ମ ସଂଯମ ଓ ଶୃଙ୍ଖଳା ବଜାୟ ରଖିବା ଦିଗରେ ଅଗ୍ରସର କରାଇଥାଏ ।

ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏକ ମାନୁଏଲ୍ ବିକଶିତ କରାଯାଇଛି, ଯାହାକୁ କି "ଆରୁଣିମା" କୁହାଯାଉଛି । ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଏହି ପୁସ୍ତିକା ଯୋଗାଇ ଦିଆଯାଇଛି ।



ପ୍ରମାଣ ପତ୍ର

ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ, ଓଡ଼ିଶା

ବର୍ଷ:..................... କ୍ରମିକ ନମ୍ବର:...............

ପ୍ରକଳ୍ପ:.......................................................

ଅଙ୍ଗନୱାଡ଼ି କେନ୍ଦ୍ର ପରିତ୍ୟାଗ / ବିଦାୟ ପ୍ରମାଣ ପତ୍ର

ଶ୍ରୀ/କୁମାରୀ ________ ମାତା ________

ପିତା ________ ଗ୍ରାମ/ଠିକଣା : ________

________ ଅଙ୍ଗନୱାଡ଼ି କେନ୍ଦ୍ର ________ ରେ ତା. ________

ରିଖ ଠାରୁ ତା ________ ରିଖ ପର୍ଯ୍ୟନ୍ତ ପ୍ରାକ୍-ବିଦ୍ୟାଳୟ ପାଠ୍ୟକ୍ରମରେ ସଫଳତା ସହ ଯୋଗଦାନ କରିଅଛନ୍ତି ।

ଅଙ୍ଗନୱାଡ଼ି କେନ୍ଦ୍ରର ଜନ୍ମ ପଞ୍ଜୀକରଣ ଖାତାରେ ଶ୍ରୀ/ କୁମାରୀ ________

ଙ୍କର ଜନ୍ମ ତାରିଖ ________ ଅଟେ । ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଅଛୁ ।

ଅଙ୍ଗନୱାଡ଼ି କର୍ମୀ ପରିଦର୍ଶିକା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ

# ଜନନୀ ସୁରକ୍ଷା ଯୋଜନା (ଜେ. ଏସ୍. ୱାଇ)

ଏକ ଶୃଙ୍ଖଳିତ ଓ ଚିନ୍ତାମୁକ୍ତ ଢଙ୍ଗରେ 'ନିରାପଦ ମାତୃତ୍ୱ'କୁ ନିଶ୍ଚିତ କରିବାକୁ ଏହି ଯୋଜନା ପ୍ରଚଳିତ । ମହିଳାମାନଙ୍କ ଗର୍ଭଧାରଣ ସମୟରେ ଏବଂ ପିଲା ଜନ୍ମ ହେବା ପରେ ସେମାନଙ୍କ ଆବଶ୍ୟକତାକୁ ମେଣ୍ଟାଇଥାଏ । ସ୍ୱାସ୍ଥ୍ୟ ସେବା ଯୋଗାଇବା ମାଧ୍ୟମରେ ଏହା ମାତୃ ଓ ଶିଶୁ ମୃତ୍ୟୁହାରକୁ କମାଇଥାଏ ।

ପୃଷ୍ଠଭୂମି

- ୧୫ ଅଗଷ୍ଟ ୧୯୯୫ ମସିହାରେ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକାରୀ କରାଗଲା ଏବଂ ପରେ ୨୦୦୧ ମସିହାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ହସ୍ତାନ୍ତର କରାଗଲା;
- ଜାତୀୟ ମାତୃ ମଙ୍ଗଳ ଯୋଜନା ଅଧିନରେ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ୧୯ ବର୍ଷ ବୟସରୁ ଅଧିକ ଗର୍ଭବତୀ ମହିଳାମାନଙ୍କୁ ପ୍ରଥମ ଦୁଇଟି ଛୁଆ ଜନ୍ମ ପାଇଁ ଏକକାଳୀନ ୫୦୦ ଟଙ୍କା ହିସାବରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା । ନିୟମ ଅନୁସାରେ ଏହି ଅର୍ଥ ପ୍ରସବର ୮ ରୁ ୧୨ ସପ୍ତାହ ପୂର୍ବରୁ ସେମାନେ ପାଇବା ପାଇଁ ହକ୍‌ଦାର ଥିଲେ;
- ଜାତୀୟ ମାତୃ ମଙ୍ଗଳ ଯୋଜନାକୁ ଆଂଶିକ ପରିବର୍ତ୍ତନ କରାଯାଇ ଏକ ନୂଆ ଯୋଜନା ପ୍ରସ୍ତୁତ କରାଗଲା, ଯାହାକୁ କି ଜନନୀ ସୁରକ୍ଷା ଯୋଜନା କୁହାଗଲା ଏବଂ ଏହାକୁ ୧୨ ଏପ୍ରିଲ ୨୦୦୫ ମସିହାରୁ କାର୍ଯ୍ୟକାରୀ କରାଗଲା;

ମୁଖ୍ୟ ଉଦ୍ଦେଶ୍ୟ

- ଜନନୀ ସୁରକ୍ଷା ଯୋଜନାର ଉଦ୍ଦେଶ୍ୟ ହେଉଛି ଯେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ପ୍ରସବ କରାଇ ମାତୃ/ ଶିଶୁ ମୃତ୍ୟୁ କମାଇବା;
- ମା' ଓ ଶିଶୁକୁ ସୁରକ୍ଷିତ ରଖିବା;
- ମା' ଓ ନବଜାତ ଶିଶୁର ମୃତ୍ୟୁହାର କମାଇବା;

ଜାତୀୟ ମାତୃ ମଙ୍ଗଳ ଯୋଜନା ଏବଂ ଜନନୀ ସୁରକ୍ଷା ଯୋଜନା

- ଜାତୀୟ ମାତୃ ମଙ୍ଗଳ ଯୋଜନାକୁ ଜନନୀ ସୁରକ୍ଷା ଯୋଜନା ସହିତ ମିଶାଇ ଦିଆଗଲା (ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ) । ଫଳରେ ଅନେକ ମହିଳା ଯେଉଁମାନେ ଜାତୀୟ ମାତୃ ମଙ୍ଗଳ ଯୋଜନାର ସୁବିଧା ପାଇବା ପାଇଁ ଯୋଗ୍ୟା ଏବଂ ନିଜ ଘରେ ପ୍ରସବ କରିଥିଲେ ସେମାନେ ଏ ସୁବିଧା ପାଇପାରିଲେ ନାହିଁ । କିନ୍ତୁ ଉଚ୍ଚତମ ନ୍ୟାୟଳୟଙ୍କ ନିର୍ଦ୍ଦେଶ, ୨୦ ନେଭମ୍ବର ୨୦୦୭ ସ୍ପଷ୍ଟ କରିଛି କି ଜାତୀୟ ମାତୃ ମଙ୍ଗଳ ଯୋଜନା ନିଶ୍ଚିତ ଭାବରେ ଚାଲୁ ରହିବ;
- କମିଶନଙ୍କ ୬ଷ୍ଠ ରିର୍ପୋଟରେ ହିସାବ କରି ଦେଖାଯାଇଛି ଯେ ଜାତୀୟ ମାତୃମଙ୍ଗଳ ଯୋଜନା ଅଧିନରେ ଆସୁଥିବା ହାରାହାରି ପ୍ରାୟ ୬୫.୫% ଯୋଗ୍ୟ ହିତାଧିକାରି ଜନନୀ ସୁରକ୍ଷା ଯୋଜନା ଅଧିନରେ ସହାୟତା ପ୍ରଦାନ କରାଯାଉଥିବା ପ୍ରତ୍ୟକ୍ଷ ଅର୍ଥ ପାଇପାରିନାହାନ୍ତି, କାରଣ ସେମାନେ ଜନନୀ ସୁରକ୍ଷା ଯୋଜନା ଦ୍ୱାରା ଆରମ୍ଭ କରାଯାଇଥିବା ଆବଶ୍ୟକୀୟ ଯୋଗ୍ୟତାରୁ ବାଦ ପଡ଼ିଯାଉଛନ୍ତି;
- କମିଶନଙ୍କ ହସ୍ତକ୍ଷେପ ପ୍ରତ୍ୟୁତ୍ତରରେ ଜନନୀ ସୁରକ୍ଷା ଯୋଜନାରେ ନିମ୍ନଲିଖିତ ପରିବର୍ତ୍ତନ ସମ୍ବନ୍ଧୀୟ ଏକ ଚିଠି କମିଶନଙ୍କ ନିକଟକୁ ପଠାଯାଇଛି;
- ସମସ୍ତ ଯୋଗ୍ୟ ବି. ପି. ଏଲ୍. ପରିବାରର ଗର୍ଭବତୀ ମହିଳାଙ୍କୁ ଜନନୀ ସୁରକ୍ଷା ଯୋଜନା ଅଧିନରେ ୫୦୦ଟଙ୍କା ପ୍ରଦାନ କରାଯିବ। ଏଥିପାଇଁ ପ୍ରସବର ସ୍ଥାନ ଏବଂ ପ୍ରସବ ପୂର୍ବ ସ୍ୱାସ୍ଥ୍ୟ ପରିକ୍ଷା ବାଧ୍ୟତାମୂଳକ ନୁହେଁ;
- ଯେଉଁ ମହିଳାମାନେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ କରିବେ ସେମାନଙ୍କୁ ଅଧିକ ଅର୍ଥ ପ୍ରଦାନ କରାଯିବ;
- ଏହି ଯୋଜନାକୁ କାର୍ଯ୍ୟକାରି କରିବାରେ ସଫଳତା ହାସଲ କରିନଥିବା ରାଜ୍ୟଗୁଡ଼ିକ କ୍ଷେତ୍ରରେ, ମହିଳାମାନଙ୍କର ବୟସ ଏବଂ ପିଲା ସଂଖ୍ୟା କଟକଣାକୁ ଉଠାଇ ଦିଆଯାଇ ଜାତୀୟ ମାତୃ ମଙ୍ଗଳ ଯୋଜନା ଅଧିନରେ ସହାୟତା ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ ପାଇଁ ବି. ପି. ଏଲ୍. ମାନଦଣ୍ଡକୁ ଉଠାଇ ଦିଆଯାଇଛି;
- ଅନେକ ରାଜ୍ୟ ସରକାର ଏହି ଯୋଜନାକୁ ବାରମ୍ବାର ପରିବର୍ତ୍ତନ ଓ କମ୍ ଅଗ୍ରାଧିକାର ଦେଉଥିବା ହେତୁ ଏହି ଯୋଜନା ଅନେକ ରାଜ୍ୟରେ କାର୍ଯ୍ୟକାରି ନ ହୋଇ ପଡ଼ି ରହିଛି;

**ଏହି ଯୋଜନା ଅନ୍ତର୍ଭୁକ୍ତ ଆର୍ଥିକ ସହାୟତା**

- ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ ନିମନ୍ତେ ସରକାରଙ୍କ ତରଫରୁ ପ୍ରସୂତୀ ମାଆଙ୍କୁ ୧୪୦୦/- ଟଙ୍କା (କେବଳ ଗ୍ରାମାଞ୍ଚଳ) ଏବଂ ଆଶାଙ୍କୁ ୬୦୦/- ଟଙ୍କା ମିଳିବାର ବ୍ୟବସ୍ଥା ଅଛି;
- ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ ନିମନ୍ତେ ସରକାରଙ୍କ ତରଫରୁ ପ୍ରସୂତୀ ମାଆଙ୍କୁ ୧୦୦୦/- ଟଙ୍କା (କେବଳ ସହରାଞ୍ଚଳ) ଏବଂ ଆଶାଙ୍କୁ ୨୦୦/- ଟଙ୍କା ମିଳିବାର ବ୍ୟବସ୍ଥା ଅଛି;
- ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗର୍ଭବତୀ ମାଆ ପହଞ୍ଚିବା ପାଇଁ ଗାଡ଼ିଭଡ଼ା ବାବଦକୁ ୨୫୦/- ଟଙ୍କା ସରକାରଙ୍କ ତରଫରୁ ମିଳିବାର ବ୍ୟବସ୍ଥା ଅଛି;
- ଏହି ଟଙ୍କା କେବଳ ପ୍ରସୂତୀ ମାଆକୁ ମିଳିବ;
- ଏ.ଏନ୍.ଏମ୍. ଓ ଆଶା ଦିଦିଙ୍କ ପରାମର୍ଶ ଅନୁଯାୟୀ ଶିଶୁ ଜନ୍ମ ପୂର୍ବରୁ ଜନନୀ ସୁରକ୍ଷା ଯୋଜନା କାର୍ଡ଼ ଉକ୍ତ ଗର୍ଭବତୀ ମହିଳାଙ୍କ ନାମରେ ହେବା ଆବଶ୍ୟକ;

■ ପ୍ରସବ କାଳୀନ ବିପଦ - ସଂକୁଳ ପରିସ୍ଥିତିରେ ସିଜରିଆନ ଅପରେଶନ ଦ୍ୱାରା ପ୍ରସବ କରାଇବା ପାଇଁ ଆବଶ୍ୟକ ସ୍ଥଳେ ଘରୋଇ ବିଶେଷଜ୍ଞଙ୍କର ସହାୟତା ବାବଦକୁ ୧୫୦୦/- ଟଙ୍କା ଦିଆଯିବ;

**ଜନନୀ ସୁରକ୍ଷା ଯୋଜନାରେ 'ଆଶା' ଓ ସଂପୃକ୍ତ ସ୍ୱାସ୍ଥ୍ୟ କର୍ମୀଙ୍କ ଭୂମିକା**

■ ଯୋଜନାର ହିତାଧିକାରୀ ଭାବେ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରି ରିପୋର୍ଟ ଦାଖଲ କରିବେ;

■ ଆବଶ୍ୟକମତେ ପ୍ରମାଣପତ୍ର ସଂଗ୍ରହ କରିବାରେ ଗର୍ଭବତୀ ମହିଳାଙ୍କୁ ସହଯୋଗ କରିବେ;

■ ଧନୁଷ୍ଟଙ୍କାର ପ୍ରତିଷେଧକ ଇଞ୍ଜେକସନ୍, ଲୌହସାର ବଟିକା ସମେତ ଅନ୍ତତଃ ତିନି ପର୍ଯ୍ୟାୟରେ ଗର୍ଭ ତନଖି କରିବାରେ ଗର୍ଭବତୀକୁ ସାହାଯ୍ୟ କରିବେ;

■ ଗର୍ଭଧାରଣ ଜନିତ ଆନୁସଙ୍ଗିକ ଜଟିଳତାର ଉପଚାର ଓ ପ୍ରସବ ନିମନ୍ତେ କୌଣସି ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ସ୍ୱୀକୃତି ପ୍ରାପ୍ତ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ର ଚିହ୍ନଟ କରିବା;

■ ଆନୁଷ୍ଠାନିକ ପ୍ରସବ ନିମନ୍ତେ ସୁଚିନ୍ତିତ ପରାମର୍ଶ ଦେବା;

■ ହିତାଧିକାରୀ ଗର୍ଭବତୀଙ୍କୁ ସୁରକ୍ଷାର ସହ ପୂର୍ବନିର୍ଦ୍ଧାରିତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ଏବଂ ସେଠାରୁ ପ୍ରସୂତୀ ଆରୋଗ୍ୟ ହୋଇ ଫେରିବା ପର୍ଯ୍ୟନ୍ତ ତା'ସହ ରହିବା;

■ ୧୪ ସପ୍ତାହ ପର୍ଯ୍ୟନ୍ତ ନବଜାତ ସନ୍ତାନଙ୍କୁ ଟୀକାକରଣ କରିବାର ଯୋଗାଯୋଗ କରିବା;

■ ଏ.ଏନ୍.ଏମ୍. / ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ନବଜାତକର ଜନ୍ମ/ ମୃତ୍ୟୁ ସଂପର୍କରେ ବିବରଣୀ ପ୍ରଦାନ କରିବା; ପ୍ରସବର ୭ ଦିନ ମଧ୍ୟରେ ପ୍ରସୂତୀ ମା' ର ସ୍ୱାସ୍ଥ୍ୟ ପରୀକ୍ଷଣ ଓ ଯତ୍ନ ପ୍ରଦାନ ନିମନ୍ତେ ଭେଟିବା;

■ ପ୍ରସବର ଏକ ଘଣ୍ଟା ମଧ୍ୟରେ ନବଜାତ ଶିଶୁକୁ ମା'କ୍ଷୀର ପିଆଇବାକୁ ମା'କୁ ସଠିକ୍ ପରାମର୍ଶ ଦେବା । ସ୍ତନ୍ୟପାନ ପ୍ରକ୍ରିୟାକୁ ୩ ମାସରୁ ୬ ମାସ ପର୍ଯ୍ୟନ୍ତ ଜାରି ରଖିବାକୁ ପ୍ରବର୍ତ୍ତାଇବା;

■ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଇବା ପାଇଁ ପ୍ରସୂତୀକୁ ବୁଝାଇବା;

ଅଭିଯୋଗ ଜଣାଇବା ବ୍ୟବସ୍ଥା

ପ୍ରତ୍ୟେକ ଜିଲ୍ଲାରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅଧିନରେ ଏକ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳନା ସଂସ୍ଥାର ସହାୟତାରେ ଗୋଟିଏ ଲେଖାଏଁ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟ କରୁଛି । ନିମ୍ନଲିଖିତ ବିଷୟରେ ହିତାଧିକାରୀଙ୍କ ଠାରୁ ଅଭିଯୋଗ ଶୁଣିବା ଓ ବିହିତ ପଦକ୍ଷେପ ଗ୍ରହଣ କରିବା ଏହି ପ୍ରକୋଷ୍ଠର ମୁଖ୍ୟ ଉଦ୍ଦେଶ୍ୟ ।

■ ଜନନୀ ସୁରକ୍ଷା କାର୍ଯ୍ୟକ୍ରମ ଜରିଆରେ ଉପଲବ୍ଧ ସୁବିଧାମାନ ହାସଲ କରିବା ପାଇଁ ଯୋଗ୍ୟତା;

■ ଆର୍ଥିକ ସହାୟତାର ପରିମାଣ;

■ ଆର୍ଥିକ ସହାୟତା ପ୍ରଦାନ କ୍ଷେତ୍ରରେ ବିଳମ୍ବ;

ଅଙ୍ଗନୱାଡ଼ି କେନ୍ଦ୍ରରେ ୩ବର୍ଷରୁ ୬ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କର ଗରମ ରନ୍ଧା ଖାଦ୍ୟ ପାଇଁ ଦୈନିକ ଟ.୪.୦୦ପ.

| | | |
|---|---|---|
| ସୋମବାର ଓ ଗୁରୁବାର | ୮୦ ଗ୍ରାମ୍ ଚାଉଳରେ ପ୍ରସ୍ତୁତ ଭାତ | ୨୫ ଗ୍ରାମ ଡ଼ାଲି, ୩ ଗ୍ରାମ ପନିପରିବାରେ ପ୍ରସ୍ତୁତ ଡ଼ାଲମା |
| ମଙ୍ଗଳବାର, ଶୁକ୍ରବାର | ୮୦ ଗ୍ରାମ୍ ଚାଉଳରେ ପ୍ରସ୍ତୁତ ଭାତ | ୧୦ ଗ୍ରାମ ସୋୟା ବଡ଼ି, ୩ ଗ୍ରାମ ତେଲ ଓ ୧୦୦ ଗ୍ରାମ୍ ପନିପରିବାରେ ସୋୟାବଡ଼ି ତରକାରୀ ପ୍ରସ୍ତୁତ |
| ବୁଧବାର | ୮୦ ଗ୍ରାମ୍ ଚାଉଳରେ ପ୍ରସ୍ତୁତ ଭାତ | ୧ ଟି ଅଣ୍ଡା, ୩ ଗ୍ରାମ୍ ତେଲ ଓ ୨୦ ଗ୍ରାମ୍ ପନିପରିବାରେ ପ୍ରସ୍ତୁତ ଅଣ୍ଡା ତରକାରୀ |
| ଶନିବାର | ୮୦ ଗ୍ରାମ୍ ଚାଉଳ, ୨୦ ଗ୍ରାମ୍ ଡ଼ାଲି, ୩ ଗ୍ରାମ୍ ତେଲ ଓ ୨୫ ଗ୍ରାମ୍ (ପନିପରିବା, ଚିନି)ରେ ପ୍ରସ୍ତୁତ ଖେଚୁଡ଼ି । | |

ପରିପୂରକ ପୁଷ୍ଟିର ଏକକ ମୂଲ୍ୟ ପାଇଁ ଆର୍ଥିକ ବ୍ୟବସ୍ଥା

| ହିତାଧିକାରୀଙ୍କ ପ୍ରକାର | ସବିଶେଷ ବିବରଣୀ | ଦୈନିକ ପରିମାଣ | ମୂଲ୍ୟ | କ୍ୟାଲୋରୀ | ଖାଦ୍ୟସାର |
|---|---|---|---|---|---|
| ଗର୍ଭବତୀ ଓ ପ୍ରସୂତୀଛତୁଆ | ୨୦୦ ଗ୍ରାମ୍ | ୫.୦୦ | ୭୭୦ | ୧୯.୭୯ | |
| ୬ ମାସରୁ ୩ ବର୍ଷ ଛତୁଆ (ଶୁଖିଲା ଖାଦ୍ୟ) | ୧୬୦ ଗ୍ରାମ୍ | ୪.୦୦ | ୬୧୫ | ୧୩.୩୪ | |
| ଅତିରିକ୍ତ ପୁଷ୍ଟିହୀନତା ଶିଶୁ ୬ ମାସରୁ ୩ ବର୍ଷ (ଶୁଖିଲା ଖାଦ୍ୟ) | ଛତୁଆ | ୨୪୦ ଗ୍ରାମ୍ | ୬.୦୦ | ୯୨୨ | ୨୦ |
| ଅତିରିକ୍ତ ପୁଷ୍ଟିହୀନତା ଶିଶୁ ୩ ବର୍ଷରୁ ୬ ବର୍ଷ ଶିଶୁ (ଶୁଖିଲା ଖାଦ୍ୟ) | ଛତୁଆ | ୮୦ ଗ୍ରାମ୍ | ୨.୦୦ | ୩୦୭ | ୬.୬୭ |

ବି.ଦ୍ର.: ମାସକୁ କେବଳ ୨୫ ଦିନର ପରିପୂରକ ପୁଷ୍ଟିଯୋଗାଣର ବ୍ୟବସ୍ଥା ଅଛି ।
୪. ଓଜନ ବୃଦ୍ଧିରେ ପ୍ରୋତ୍ସାହନ
୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ଓଜନ ଏବଂ ଓଜନର ରେକର୍ଡ଼ ପ୍ରସ୍ତୁତ;
୪.୧. ଗ୍ରେଡ଼୍ ପିଲାଙ୍କ ବିବରଣୀ ତଳେ ଦିଆଯାଇଛି
ଜନ୍ମ ସମୟରେ ଓଜନ ୨ କି.ଗ୍ରା. ୫୦୦ ଗ୍ରାମରୁ ୩ କି.ଗ୍ରା. = ସାଧାରଣ
୦ ରୁ ୧ ବର୍ଷ - ୭ କି.ଗ୍ରା. ରୁ ୭ କି.ଗ୍ରା. ୫୦୦ ଗ୍ରାମ୍ = ଗ୍ରେଡ଼୍ – ୧
୬ କି.ଗ୍ରା. ରୁ ୬ କି.ଗ୍ରା. ୫୦୦ ଗ୍ରାମ୍ = ଗ୍ରେଡ଼୍ – ୨
୫ କି.ଗ୍ରା. ରୁ ୫ କି.ଗ୍ରା. ୫୦୦ ଗ୍ରାମ୍ = ଗ୍ରେଡ଼୍ - ୩
୪ କି.ଗ୍ରା. ରୁ ୪ କି.ଗ୍ରା. ୫୦୦ ଗ୍ରାମ୍ = ଗ୍ରେଡ଼୍ - ୪
୧ ବର୍ଷରୁ ୨ ବର୍ଷ - ୯ କି.ଗ୍ରା. ରୁ ୯ କି.ଗ୍ରା. ୫୦୦ ଗ୍ରାମ୍ = ଗ୍ରେଡ଼୍ - ୧
୮ କି.ଗ୍ରା. ରୁ ୮ କି.ଗ୍ରା. ୫୦୦ ଗ୍ରାମ୍ = ଗ୍ରେଡ଼୍ – ୨
୬ କି.ଗ୍ରା. ୫୦୦ ଗ୍ରାମରୁ ୭ କି.ଗ୍ରା. = ଗ୍ରେଡ଼୍ – ୩
୫ କି.ଗ୍ରା. ରୁ ୫ କି.ଗ୍ରା. ୫୦୦ ଗ୍ରାମ୍ = ଗ୍ରେଡ଼୍ - ୪
୩ ବର୍ଷରୁ ୪ ବର୍ଷ - ୧୨ କି.ଗ୍ରା. ରୁ ୧୩ କି.ଗ୍ରା. = ଗ୍ରେଡ଼୍ - ୧
୧୦ କି.ଗ୍ରା. ରୁ ୧୧ କି.ଗ୍ରା. = ଗ୍ରେଡ଼୍ - ୨
୮ କି.ଗ୍ରା. ରୁ ୮ କି.ଗ୍ରା. ୫୦୦ ଗ୍ରାମ = ଗ୍ରେଡ଼୍ - ୩
୮ କି.ଗ୍ରା. = ଗ୍ରେଡ଼୍ - ୪
୪ ବର୍ଷରୁ ୫ ବର୍ଷ - ୧୩ କି.ଗ୍ରା. ୫୦୦ ଗ୍ରାମ୍‌ରୁ ୧୪ କି.ଗ୍ରା. ୫୦୦ ଗ୍ରାମ୍ = ଗ୍ରେଡ଼୍ - ୧
୧୧ କି.ଗ୍ରା. ୫୦୦ ଗ୍ରାମ୍‌ରୁ ୧୨ କି.ଗ୍ରା. ୫୦୦ ଗ୍ରାମ୍ = ଗ୍ରେଡ଼୍ – ୨
୯ କି.ଗ୍ରା. ୫୦୦ ଗ୍ରାମ୍‌ରୁ ୧୦ କି.ଗ୍ରା. ୫୦୦ ଗ୍ରାମ୍ = ଗ୍ରେଡ଼୍ - ୩
କି.ଗ୍ରା. ୫୦୦ ଗ୍ରାମ୍‌ରୁ ୯ କି.ଗ୍ରା. = ଗ୍ରେଡ଼୍ - ୪

# ପି.ଏଲ୍.ଓ କାର୍ଡ଼

ପି.ଏଲ୍.ଓ କାର୍ଡ଼ ପାଇବା ପାଇଁ ନିମ୍ନଲିଖିତ ଯୋଗ୍ୟତା ଆବଶ୍ୟକ -

- ଯେଉଁ ମାନେ ଅତି ଗରିବ ହୋଇଥିବେ
- ଯେଉଁ ମାନେ ବିଧବା ହୋଇଥିବେ
- ଯେଉଁ ମାନେ ବିକଳାଙ୍ଗ ହୋଇଥିବେ
- ଯେଉଁ ମାନେ କୁମାରୀ ହୋଇଥିବେ

ପି.ଏଲ୍.ଓ କାର୍ଡ଼ ର ପ୍ରଣାଳୀ:
ଜିଲ୍ଲା ସ୍ତରରେ ଥିବା ମଣ୍ଡଳ ଯୋଗାଣ ଅଧିକାରୀ ଯାଇ ବ୍ଲକ୍‌ରେ ପି.ଏଲ୍.ଓ କାର୍ଡ଼ର ଫର୍ମ ଦେବେ, ଏହା ପରେ ବ୍ଲକ୍‌ରେ ଥିବା ଯୋଗାଣ ଅଧିକାରୀ ଯାଇ ପଞ୍ଚାୟତରେ ଦାଖଲ କରିବେ। ଏହାପରେ ସେମାନଙ୍କୁ ପି.ଏଲ୍.ଓ କାର୍ଡ଼ ଯୋଗାଇ ଦିଆଯାଏ।
ସୁବିଧା ସୁଯୋଗ – ମାସକୁ ସେମାନେ ୨.୦୦ ଟଙ୍କା ହିସାବରେ ୩୫ କେ.ଜି ଚାଉଳ ପାଆନ୍ତି।
ବୟସ ସୀମା – କେବଳ କୁମାରୀ ମାନଙ୍କର ବୟସ ସୀମା ୩୦ ରୁ ୩୫ ହେବା ଉଚିତ୍।
କେତେକ ବିଶେଷ ସୂଚନା –
୧. ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ –
ଘର ନଂ – ଏ-୧, ଟାଇପ୍ – ଏ, ୟୁନିଟ – ୪, ଭୁବନେଶ୍ୱର – ୭୫୧୦୦୧, ଯୋଗାଯୋଗ – ୦୬୭୪ – ୨୩୯୪୦୪୧, ଫ୍ୟାକ୍ସ – ୦୬୭୪ – ୨୩୯୪୦୪୩
୨. ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ –
ପଞ୍ଚମ ମହଲା, ଚନ୍ଦ୍ରଲୋକ ମହଲା, ୩୬, ଜନପଥ, ନ୍ୟୁ ଦିଲ୍ଲୀ – ୧୧୦୦୦୧
୩. ସ୍କୁଲ୍ ଛାତ୍ର ସହଯୋଗ ଟୋଲ୍ ଫ୍ରୀ ନଂ - ୧୮୦୦୩୪୫୬୭୨୨
କଥା ହେବା ସମୟ – ସକାଳ ୮ଘଟିକାରୁ ସଂଧ୍ୟା ୮ଘଟିକା
୪. ରାଜ୍ୟ ମହିଳା ଆୟୋଗ
ବ୍ଲକ୍ ନଂ – ୧ ଏବଂ ୨, ତୃତୀୟ ମହଲା, ତୋସାଲି ଭବନ, ସତ୍ୟନଗର, ଭୁବନେଶ୍ୱର – ୭୫୧୦୦୭, ଯୋଗାଯୋଗ – ୦୬୭୪-୨୫୭୩୮୫୦, ଫ୍ୟାକ୍ସ – ୦୬୭୪ - ୨୫୭୩୮୭୦
୫. ମାନବିକ ଅଧିକାର ଆୟୋଗ
ତୋସାଲି ଭବନ, ଦ୍ୱିତୀୟ ମହଲା, ସତ୍ୟନଗର, ଭୁବନେଶ୍ୱର – ୭୫୧୦୦୭, ଫ୍ୟାକ୍ସ – ୦୬୭୪ - ୨୫୭୨୦୧୦

## ପିକକ୍‌ର ସ୍ୱପ୍ନ

ଶାନ୍ତି, ନ୍ୟାୟ ଓ ସମାନତା ଉପରେ ଆଧାରିତ ଏକ ଦୁନିଆ  ଯେଉଁଠାରେ ବ୍ୟକ୍ତି ବିଶେଷ ଓ ସମୂହମାନେ ସାଂସ୍କୃତିକ ଓ ପ୍ରାକୃତିକ ବିଭିନ୍ନତାକୁ ସମ୍ମାନ ଦର୍ଶାଇ ମର୍ଯ୍ୟାଦାର ସହ ସହାବସ୍ଥାନ କରୁଥିବେ । ଏଭଳି ଏକ ଦୁନିଆ ଯେଉଁଠାରେ ଲୋକଙ୍କର ଭାଗୀଦାରୀତା ଥିବ, ଲୋକଙ୍କର ନିଜର ସାମାଜିକ ଓ ଅର୍ଥନୈତିକ ସ୍ୱଚ୍ଛଳତା ଓ ସମୃଦ୍ଧି ସହିତ ସ୍ୱାଧିନ ମତବ୍ୟକ୍ତ କରି ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଅତିବାହିତ କରିବାର ଅଧିକାର ରହିଥିବ ।

## ପିକକ୍‌ର ଲକ୍ଷ୍ୟ

ଜନସାଧାରଣ ବିଶେଷକରି ଶିଶୁ, ମହିଳା, ବୃଦ୍ଧ ଏବଂ ସମାଜର ଅନ୍ୟ ଅବହେଳିତ ବ୍ୟକ୍ତି ଓ ବର୍ଗ ବିଶେଷଙ୍କୁ ସଶକ୍ତ ଓ ସକ୍ଷମ କରି ନିଜର ସାମଗ୍ରିକ ବିକାଶରେ ଦୃଢ଼ତାର ସହ ଭାଗିଦାରୀ କରାଇବା ।  ଲୋକସଂଗଠନ ସୃଷ୍ଟି ଏବଂ ସୁଦୃଢ଼ କରିବା, ଯାହାଦ୍ୱାରା ସେମାନେ ବିକାଶର ସ୍ରୋତରେ ସାମିଲ ହେବା ସହିତ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ର ଅଧିକାରୀ ହୋଇପାରିବେ ।


ପ୍ରକାଶକଃ-

ପିପୁଲ୍‌ସ କଲ୍‌ଚରାଲ୍ ସେଣ୍ଟର (ପିକକ୍)

Published by:-

**PEOPLE'S CULTURAL CENTRE [PECUC]**

Website:- www.pecuc.org

In collaboration with:- TDH (G) - IP & AEI

TDH(G)-IP & AEI

(PECUC)

People's Cultural Centre

Aide à
l'Enfance de l'Inde